*"Devotion wafts the mind above*
*But heaven itself descends in love."*

— BYRON

ନଂ ... ତା 7 JUL 1962

# ତରୁଣୀର ମନ

ଶ୍ରୀ ଭଗୀରଥ୍ ନେପାକ
ବି. ଏ. (ଅନର୍ସ)

ପ୍ରକାଶିକା — ଶ୍ରୀମତୀ ଅନୁସୂୟା ଦେବୀ
'କବିତା - କୁଟୀର'
ଲକ୍ଷ୍ମୀପୁର (ବଲାଙ୍ଗୀର)

•••

ପ୍ରଚ୍ଛଦପଟ ଶିଳ୍ପୀ — ଶ୍ରୀ ଅସିତ ମୁଖର୍ଜୀ

•••

ମୁଦ୍ରାକର — ଶ୍ରୀ ବାସୁଦେବ ପାଠୀ
ଶ୍ରୀ ପ୍ରିଣ୍ଟର୍ସ, ପୁରୀ ।

•••

ପ୍ରଥମ ପ୍ରକାଶ — ମହାଳୟା,
୧୯୬୦

•••

(ସର୍ବସ୍ୱତ୍ୱ ସଂରକ୍ଷିତ)

•••

ମୂଲ୍ୟ — ଏକଟଙ୍କା ପଚିଶ ନୂଆପଇସା
(ଅତିରିକ୍ତ ନାହିଁ)

•••

ସହୃଦୟ ପାଠକ ପାଠିକାମାନଙ୍କ ହାତରେ ...............

— ଲେଖକ



ପ୍ରଗତି ଜନନି ସଂଘ ଲାଇବ୍ରେରୀ
ବି/୧, ସେକ୍ଟର - ୬
ରାଉରକେଲା - ୭୬୯୦୦୩

— ୪ —

# କାହିଁକି ଲେଖିଲି ?

ସଭିଏ ଜାଣନ୍ତି ଓଡ଼ିଶାର ଲେଖକ କେବଳ ବହି ଲେଖି ପେଟ ପୋଷି ନାହିଁ । ସେ ଆଶା କରିବା ମଧ୍ୟ ବୃଥା ।

ମନ ଭିତରେ ନୂଆ ଆଗ୍ରହ ନେଇ ଅଭାବ ଅନାଟନକୁ ପାଖେଇ ଦେଇ, ନୂଆ ଲେଖକଟିଏ କଲମ ଧରିଲେ, ପ୍ରକାଶକର ନିରୁତ୍ସାହିତ ନିର୍ଦ୍ଦେଶ, ବହି ଦୋକାନୀର ଆଦେଶ ଓ ମୁଦ୍ରାକରର ଅନର୍ଥକ ଉପଦେଶ ଶୁଣିବାକୁ ପାଏ । ବହି ଭଲ ହୋଇଥିଲେ ବି କେଇଜଣ ତଥାକଥିତ ପାଠକ ବହିର ମଲାଟ ଦେଖି ବା ଖାଲି ନାଁଟି ମାତ୍ର ଶୁଣି ଗୁଡ଼ାଏ ମନମୁଖୀ ମନ୍ତବ୍ୟ ବାଢ଼ି ବସନ୍ତି ।

ଲେଖକ ବିଚରା ସବୁ ଶୁଣେ - ସବୁ ଗ୍ରହଣ କରେ । ତଥାପି ନିରାଶ ନହୋଇ ଅପେକ୍ଷା କରେ । କେତେବେଳେ କେମିତି କାନରେ ପଡ଼େ ତାର ବହିର ସହାନୁଭୂତି ସୂଚକ କେଇପଦ ସମାଲୋଚନା । ଲେଖକ ସୁଖୀ ହୁଏ । ସତେ ଯେମିତି ସେତକ ପାଇଁ ସେ ଅପେକ୍ଷା କରିଥିଲା ! ତାହାହିଁ ତାର ସୁଦୀର୍ଘ ସାଧନାର ଫଳ !!

ବହି ଲେଖିବାରେ ଅନେକ ବନ୍ଧୁ ଅନେକ ପ୍ରକାର ଉତ୍ସାହ ଦେଇଛନ୍ତି । ସେମାନଙ୍କ ଉତ୍ସାହ ମୋର କଲମରେ ନୂତନ ଶକ୍ତିର ସଂଚାର କରିଛି । ସେଥିପାଇଁ ସେ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ଏ ବହି ଲେଖିବାର ଉଦ୍ଦେଶ୍ୟ - "ଆଧୁନିକ ସଭ୍ୟତାର ନଙ୍ଗଳା ରୁଚି ନେଇ ଯେଉଁମାନେ ସ୍କୁଲ କଲେଜରୁ ଓହ୍ଲାଇ ଆସୁଛନ୍ତି, ସେମାନେ ଭାବୁଛନ୍ତି ଅନେକ ଆଗେଇ ଗଲେ । ସମାଜକୁ ନିର୍ଦ୍ଦେଶ ଦେବା ଯୋଗ୍ୟତା ହାସଲ କଲେ । × × ମୁଁ ଚାହୁଁଛି ସମାଜର ଭବିଷ୍ୟତ କର୍ଣ୍ଣଧାର ସୁସ୍ଥ ହୁଅନ୍ତୁ, ସବଳ ହୁଅନ୍ତୁ । ତାଙ୍କୁ ସତର୍କ କରିଦେବା ପ୍ରତ୍ୟେକ ସାହିତ୍ୟିକର କର୍ତ୍ତବ୍ୟ ।" (ପୃଷ୍ଠା ୩୦)

ସ୍ୱାଧୀନତା ଦିବସ                ବିନୀତ —

୧୯୬୦                — ଲେଖକ

7 JUL 1962

ମଣିଷର ଦେହ ଭିତରେ ଏତିକି ଟିକିଏ ମନ — ତାର ଅନେକ ଆଶା, ଅନେକ ଅଭିଳାଷ । ପ୍ରାପ୍ତିର ସମ୍ଭାବନା ଥିଲେ ମଣିଷ ଏହି ଆକାଶପରି ଆଶା, ସାଗରଭଳି ଅଭିଳାଷ ପଛରେ ଗୋଡ଼ାଇ ପାଗଳ ହୁଏ । ପାଇଲେ ସବୁ ଭୁଲି ଉପଭୋଗ କରେ, ବୁଝିରହି କିଛି ଦିନ ସକାଶେ ବିଭୋର ହୁଏ । ପୁଣି ସମୟ ଆସେ, ଅଭିଳଷିତ ବସ୍ତୁ ଉପରୁ ମନର ମୋହ କମିଯାଏ, ଥମିଯାଏ । ମଣିଷ ଆଶ୍ଚର୍ଯ୍ୟ ହୁଏ । ଭାବେ ଏଇଥିପାଇଁ ଏତେ କଥା ? ଛି ! ପୁଣିଥରେ ନିଜ ଅଜାଣତରେ ମନଭିତରେ ଅଲଗା ଆଶା ଫଣା ଟେକେ । ଆଶାୟୀ ମନ ଆକୁଳ ହୋଇ ହାତ ବଢ଼ାଏ ଆଗକୁ - ଦରଦଶା ହୋଇ ମିଶିଯାଉଥିବା ଆଉ ଏକ ରଂଗୀନ ବସ୍ତୁକୁ । କାଖର ଶିଶୁ ନୂଆ କଣ୍ଢେଇଟିଏ ଦେଖି ପୁରୁଣାକୁ ଯେମିତି ଭୁଲିଯାଏ !

କିନ୍ତୁ ଅଭିଳଷିତ ବସ୍ତୁ ଯେବେ ହାତପାହାନ୍ତାରୁ ଘୁଞ୍ଚି ଘୁଞ୍ଚି ଯାଏ ରୂପ କାହାଣୀର ରାଜଜେମା ପଦ୍ମପୋଖରୀରେ ପୁଷ୍କର ତୋଳିଲା ଭଳି ? ମନର ପ୍ରଲୋଭନ ବଢିଯାଏ । ଅସହ୍ୟ ଉତ୍ତେଜନାରେ ଅମାନିଆ ଦେହ ଛନ୍ଦ ହରାଏ । ତନ୍ମୟ, ଲୋଲୁପ ଆଖିରେ ଅନେକ ଆଶା ବାନ୍ଧି ଇପ୍‌ସିତ ବସ୍ତୁକୁ ଅନାଏ । କଳ୍ପନାରେ ତାର ପର ଲାଗେ । ଭାବେ, ହଠାତ୍ ଯଦି ମିଳିଯାଆନ୍ତା ? ଇସ୍‌········ କଣ ନ କରନ୍ତା ସିଏ ?

ଦୂର ବନ ସୁନ୍ଦର ! ଦୂର ପର୍ବତ ଲୋଭନୀୟ !! ଆଶା ଦୂରେଇ ଗଲେ ଦୂର ବନଭଳି ସୁନ୍ଦର ଦିଶେ । ମଣିଷ ଏହି ଅତୃପ୍ତିଦିନିଆ

ଆଶା ନେଇ ବଞ୍ଚେ । ସେଇଥିପାଇଁତ ଜୀବନ ଗୋଟିଏ ଆଶା-ଗଦା ! ଯାର ଆଶା ନାହିଁ କି ଅଭିଳାଷ ନାହିଁ - ସେ ମଣିଷ ନୁହେଁ ମୁର୍ଦ୍ଦାର !

କୁମାରୀ ଆଶା ଦେବୀ ଦୂର ଦିଗ୍‌ବଳୟକୁ ଦୁରନ୍ତ ଆଶା ନେଇ ଅନେଇଥିଲେ । ଅପରାହ୍ଣର ନୀଳ ଆକାଶକୁ ଘୋଡାଇ ଦେଇଥାଏ କଳା ବାଦଲର ଧୂସର ପକ୍ଷ । ବର୍ଷା ଡେଣା ମେଲାଇ ହଲି ଦୋହଲି ଧାଇଁଥାଏ । ସୂର୍ଯ୍ୟର ନାରଙ୍ଗି ଖରା ନଇଁ ଯାଇଥାଏ । ପଶ୍ଚିମ ଆକାଶର ମାଛକାତିଆ ମେଘକୁ ଭରଦେଇ ଝୁଲା ହୋଇଥାଏ ସପ୍ତରଙ୍ଗୀ ଇନ୍ଦ୍ରଧନୁଟାଏ ।

ଅଳ୍ପଟିକକ ପରେ ଅଦିନିଆ ମେଘରୁ ବର୍ଷା ଝରିବାକୁ ଲାଗିଲା । ପାଣିଭିଜା ପବନ ମନ ଭିତରେ ଶୀହରଣ ବୁଣି ଦେଲା । କଡ଼କେ ଖରା-କଡକେ ବର୍ଷା । ଏମିତି ବର୍ଷା, ଏମିତି ପବନ ପ୍ରତି ତନ୍ୱୀ ଆଶା ଦେବୀଙ୍କର ଅଦ୍ଭୁତ ଆକର୍ଷଣ ରହିଛି । ଅଦିନିଆ ମେଘ ଦେଖିଲେ ମନ ଭିତରେ ଶୀହରଣ ଜନ୍ମେ ।

ଆଶା ରଙ୍ଗୀନ ସୋଫାର ନରମ ତକିଆ ଉପରେ ନିଟୋଳ ଦେହକୁ ଅଉଜାଇ ଦେଲା । ସୋଫା ସାମନାର ବେଲଜିୟମ୍ ଦର୍ପଣ ଦେହରେ ତାର ନିଜର ପ୍ରତିଚ୍ଛବିଟି ଝଲସି ଉଠୁଛି । ଆଶାର ମନେ ହେଲା ସତେ ଯେମିତି ପ୍ରଥମଥର ପାଇଁ ନିଜକୁ ନିଜେ ଚାହିଁଛି । ସନ୍ତୋଷର ସ୍ୱାକ୍ଷର ନେଇ କଞ୍ଚା ଶବୁଜ କଡର ଗୋଲାପୀ ଓଠରେ ନେସି ହୋଇଗଲା ମୁଠାଏ ରେଶମୀ ହସ । ଅବିନ୍ୟସ୍ତ କେଶଦାମକୁ ଚମ୍ପକଅଙ୍ଗୁଳୀରେ ସଜାଇ ଦେଇ ମନେମନେ ଭାବିବାକୁ ଲାଗିଲା ସତରେ ସେ କଣ ସୁନ୍ଦରୀ ?

ମନୋଜ ତାରିଫ୍ କରେ ତାର ପୋହଳଚରା ଆଖିର ଲମ୍ବାଳିଆଁ କଜଳଗାରକୁ । ବିକାଶ, ଉଚ୍ଛ୍ୱସିତ ନୟନରେ ଆଗ୍ରହ ମିଶାଇ ଚାହିଁ ରହେ ତାର ନାଗଫେଣିଆ ବେଣୀର ଶୋଭାସମ୍ପଦକୁ । ଆଉ

ସାହିତ୍ୟିକ ସୁମନ୍ତ ? କଣ ଯେ ସେ ଗୁଢ଼େହିଁ — ବୁଝି ହୁଏ ନାହିଁ ! ପଚାରିଲେ ହସି ଦିଏ ! ସୁଦର୍ଶନ ଶ୍ରୀକାନ୍ତ ସେମିତି ଫୁଲାଇ, ଫେଣେଇ ଅନେକ କଥା କହେ। ବହୁରୂପୀ ରୂପ ତାର। ପ୍ରକୃତ ରୂପକୁ ଧରି ହୁଏ ନାହିଁ କି ଜାଣି ହୁଏ ନାହିଁ। ଦେଖାହେଲେ ଦେହକୁ ମୁହଁକୁ ପିଇଗଲା ଭଳି ଅନାଇ ରହିଥାଏ। ଇସ୍, କି ଯେ ଆଖି ତାର !

କିନ୍ତୁ ସୁମନ୍ତର ହସିଲା ମୁହଁକୁ ଦେଖିଲେ ମନ ଆନନ୍ଦରେ କୁରୁଳି ଉଠେ। ସେ ସୁଖରେ ଯେମିତି ହସେ ଦୁଃଖରେ ସେମିତି ହସୁଥାଏ। ପଚାରିଲେ କହେ, ଦୁଇଦିନ ପାଇଁ ଦୁନିଆଁକୁ ଆସିଛୁ - ହସିବ ନାହିଁ କଣ କାନ୍ଦିବ ?

ସୁମନ୍ତର ଉପସ୍ଥିତି ମନ ଭିତରେ ମାୟା ପୁରାଇ ଦିଏ।

ଏବେ ସୁନ୍ଦରୀ ଆଶା ସୋଫା ଉପରେ ଆଉଜି ସୁମନ୍ତକୁ ମନେ ପକାଉଥିଲା।

ଅଦିନିଆ ନୂଆ ମେଘ ମନ ଭିତରେ ପୁଲକ ଜାଗୁଥିଲା।

ଏମିତି ଏକ ଅଦିନିଆ ମେଘ ସଂଗରେ ସେଦିନ ପ୍ରଥମ କରି ଦେଖା ହୋଇଥିଲା କଲେଜ ସାଥୀ ସୁମନ୍ତ ସହିତ। ତାର ହସିଲା କଥା କେଉଁଠି କୁମାରୀ ଜୀବନରେ ଜୁଆର ତୋଳୁଥିଲା। ତନ୍ଦ୍ରା ବିଭୋର ମଉଳିଆ ମନ, ଛପି ଛପିକିଆ ଭବିଷ୍ୟତ ଉପରେ ନୂଆ ଆଲୋକ ଢାଳୁଥିଲା।

ସେତେବେଳେ ନିର୍ମଳ ଆକାଶରେ ଜୋଛନାର ତରଙ୍ଗ ନାହିଁ କି ନକ୍ଷତ୍ର ନୟନର ମୋହମୀମନ୍ଧ ନାହିଁ। ପଶ୍ଚିମ ବଳୟ ତଳୁ ଉହାଳିଆ ଅସ୍ପଷ୍ଟ ମୃତ୍ୟୁପରି ଶୀତଳ ଅନ୍ଧକାର। ଝଡ଼ ଆସନ୍ନ ପ୍ରାୟ। ଆଶା ହସନ୍ତ ଫୁଲଟିଏ ଭଳି ଜୁଳୁ ଜୁଳୁ ଆଖିରେ ସୁମନ୍ତକୁ ଅନାଇ ଥାଏ। ତାର ସମ୍ମୋହିନୀ ଆଖିରେ ପ୍ରେମର ଇନ୍ଦ୍ରଜାଲ। ଘନ ଘନ ତୀର୍ଯ୍ୟକ୍ ଦୃଷ୍ଟିରେ ବିଜୁଳୀର ପ୍ରଖରତା।

ସୁମନ୍ତର ଆଗମନ ସଙ୍ଗେ ସଙ୍ଗେ ନୀଳ ଆକାଶର ପଶ୍ଚାତଳେ ଅଦ୍ଭୁତ ମେଘର ଆସର ଜମି ଯାଇଥାଏ । ଆଶାର ଆଶାମୟୀ ମନ ଭିତରେ ପ୍ରଗଲ୍ଭ କପୋତଟିଏ ଡେଣା ଝାଡୁଥିଲା । ଦୁହେଁ ପାଖକୁ ପାଖ ବସି ଅନେକ କଥା ହେଲେ । ମନ ପୂରାଇ ଉଭୟେ ଅନେକ ହସିଥିଲେ ।

କୁମାରୀ ଆଶା ଭାବୁଥିଲା ସୁମନ୍ତ ହସିଲେ ଅତି ସୁନ୍ଦର ଦେଖାଯାଏ ।

ସୁମନ୍ତର ସାହିତ୍ୟରେ ଅନେକ ଜ୍ଞାନ ।

ସୁମନ୍ତର ସ୍ୱାସ୍ଥ୍ୟ ଅତୁଳନୀୟ !

ଆଉ ସୁମନ୍ତ ଭାବୁଥିଲା, ଆଶା ଫୁଟିଲା ଫୁଲଭଳି ଲୋଭନୀୟା !

ଆଶା ସୁନ୍ଦରୀ ଆଉ ସ୍ୱାସ୍ଥ୍ୟବତୀ !

ଆଶା ସୌଭାଗ୍ୟବତୀ !

ପ୍ରଥମ ଦିନର ପରିଚୟ ଦୁଇଟି ତରୁଣ ହୃଦୟକୁ ଅନେକ ଉତ୍ତେଜନା ଦେଲା । ସେହି ଉତ୍ତେଜନାରେ ଆଗ୍ରହୀ ମନର ସ୍ୱାକ୍ଷର ଥିଲା । କଲେଜରେ ହେଉ କି କଲେଜ ବାହାରେ ହେଉ ଉଭୟେ ପରସ୍ପରର ସାନ୍ନିଧ୍ୟକୁ ବେଶ୍ ଉପଭୋଗ କରୁଥିଲେ । ଜଣେ କହୁଥିଲା – ଆଉଜଣେ ଆଗ୍ରହରେ ଶୁଣୁଥିଲା । ଭୁଲା ଦରଭୁଲା ଅନେକ କଥାର ଖିଅ ଯୋଡ଼ିହୋଇ ଯାଉଥିଲା । ଅତି ନଗଣ୍ୟ କଥା-ଟିଏ ବି' କଥା ନହସରେ ଅନେକ ଦୂର ଆଗେଇ ଯାଉଥିଲା ।

ସେ ଦିନ ଟିଉଟୋରିଏଲ୍ କ୍ଲାସରେ, ସାହିତ୍ୟରେ ସର୍ବାଧିକ ନମ୍ବର ଆଣିଥିଲା ବୋଲି ଆଶାର କୁତୁହଳୀ ମନକୁ ସୁମନ୍ତ କନ୍ଦ୍ର୍ଭରେ ଆକର୍ଷଣ କରିପାରିଥିଲା । ଆଶା କଲେଜ ଫେରନ୍ତା ସୁମନ୍ତକୁ ଅଟକାଇ ଅନେକ କଥାବାର୍ତ୍ତା ହେଲା । ପରିଶେଷରେ ତାଙ୍କର ବସାକୁ

ଆସିବାକୁ ଗୋଟିଏ ନିମନ୍ତ୍ରଣଟିଏ କରିଥିଲା । ଆଶାର ହସିଲା ମୁହଁକୁ ଚାହିଁ ସୁମନ୍ତ ସମ୍ମତ ହେଲା । ସବୁ କାମକୁ ପଛେଇ ଆଶା ଘରକୁ ଆସିଥିଲା । ହସହସ ମୁହଁରେ ତାକୁ ସେଦିନ ସାଂଧ୍ୟ ଶୁଭେଚ୍ଛା ଜ୍ଞାପନ କରିଥିଲା । ତାହାହିଁ ପ୍ରଥମ ଦର୍ଶନ । ପ୍ରଥମ ଦର୍ଶନ ପରେ ଦୁଇଟି ଅନଭିଜ୍ଞ ଯୁବକ ଯୁବତୀ ଉଭୟଙ୍କରି ଅଜାଣତରେ ପରସ୍ପର ପ୍ରତି ଆକୃଷ୍ଟ ହେଲେ ।

ଦୁଇଟି ଉଚ୍ଛ୍ୱସିତ ମନଉପରେ କୁହୁକର ଫସଲ ବାଢି ଦେଇ ଗଲା ଗୋଟିଏ ଅଜଣା ଆକର୍ଷଣ । ଯୌବନ ସିଢ଼ିର ସର୍ବପ୍ରଥମ ପାହାଚରେ ଛିଡାହୋଇ ସେମାନେ ସଂସାରକୁ ନୂଆ ରୂପରେ ଦେଖୁଥିଲେ । ଅତି ଜଣାଶୁଣା, ଦେଖାଘଷା ସଂସାର ସଂପୂର୍ଣ୍ଣ ନୂତନ ଦେଖା ଯାଉଥିଲା । ସେମାନେ ଭାବୁଥିଲେ ଏ ସଂସାର କେବଳ ଯୌବନର ! ଦୁଃଖ ନାହିଁ କି କ୍ଲାନ୍ତି ନାହିଁ । ଏଇଠି ଖାଲି ସୁନାର ସ୍ୱପ୍ନ, ମାଣିକ୍ୟର ଫସଲ । ଜୀବନର ବ୍ୟର୍ଥତା, ପରାଜୟର ଗ୍ଲାନି ସବୁ ଯେପରି ସେଇଠି ସମାଧି ନେଇଥିଲା ।

ସୁମନ୍ତର ସୁନ୍ଦରୀ ଆଶା ସଙ୍ଗେ ଘନିଷ୍ଠତା ଦେଖି ସାଙ୍ଗସାଥୀ ମହଲ ଈର୍ଷାପରାୟଣ ହେଲେ । ଉଦ୍ଭଟ କଳ୍ପନାକୁ ଶସ୍ତା ଉପନ୍ୟାସର ଭାଷା ଦେଇ କଲେଜ ହତା ଭିତରେ ବୁଣି ଦେଲେ । ଆଗ୍ରହୀ କୁମାର କପୋତ କେଇଟି ରୁଚି ମୁତାବକ ଆଧାର ପାଇ ଆନନ୍ଦ ହେଲେ । ସୁମନ୍ତ ଓ ଆଶା ଏକସଙ୍ଗରେ ଚାଲୁଥିବା ଦେଖିଲେ ସେମାନେ ବେକ-ଭାଙ୍ଗି ଚାହାଁନ୍ତି । ମୁରୁକି ମୁରୁକି ହସନ୍ତି । ଗୋଟିଏ ସାଙ୍ଗ ଆର ସାଙ୍ଗକୁ ଆଖିଠାର ଦିଏ । ଆଖିରେ ଆଖିରେ କଥାବାର୍ତ୍ତା ଚାଲେ ।

ପ୍ରଣୟ ପଥରେ ପ୍ରଥମକରି ପାଦ ପକାଉଥିବା ସରଳ ସୁମନ୍ତ ଏ ବ୍ୟବହାର ଦେଖି ଶଙ୍କିଗଲା । ଚିନ୍ତାର ସଂଘର୍ଷ ଭିତରେ ପଶି କିଛିଦିନ ପାଇଁ ଆଶା ସଙ୍ଗେ ମିଶିବା ଛାଡ଼ି ଦେଲା ।

ଆଶା ପ୍ରତାପନ ସୁମନ୍ତକୁ ଅପେକ୍ଷା କରେ । କିନ୍ତୁ ସୁମନ୍ତ ଆସେନା ! ତାକୁ ଦେଖିଲେ କରଛଡ଼ା ଦେଇ ବାଟକାଟି ଗ୍ଲଲେ । ସତେକି ଆଶା ସଙ୍ଗେ ତାର କିଛି ସମ୍ପର୍କ ନାହିଁ କି ନଥିଲା ।

ରୂପ ଯୌବନ ଉପରେ ଆଶାର ଅନେକ ଆସ୍ଥା ! କଲେଜର ପ୍ରାୟ ପ୍ରତ୍ୟେକ ତରୁଣ, ସିଏ ଗ୍ଲଲଗଲା ବେଳେ ପଥଭ୍ରାନ୍ତି ଅଟକି ଯାଆନ୍ତି । ପଛକୁ ଚଳଉଠି ବଡ଼ ବଡ଼ ଆଖିରେ ଅନାନ୍ତି - ସତେକି କିଛି ଭୁଲି ଯାଇଥିଲେ ! ଏବେ ହଠାତ୍ ମନେ ପଡ଼ି ଯାଉଛି !! ଅଥଚ ସୁମନ୍ତ ! ······ ଆଶା ଆଶ୍ଚର୍ଯ୍ୟ ହେଲା ।

ଆଶା ସବୁ ଜାଣେ । ନଜାଣିଲା ଭଳି ଅଭିନୟ କରି ଗ୍ଲଲିଯାଏ । କମନ୍‌ରୁମ୍‌ରେ ଭୀଷଣ ଚର୍ଚ୍ଚା ହୁଏ ଏହି କଲେଜ ଯୁବକଙ୍କ ବ୍ୟବହାର ସମ୍ବନ୍ଧରେ । ଆଲୋଚନା ଯଦି କୌଣସି ନିର୍ଦ୍ଦିଷ୍ଟ ମୀମାଂସାରେ ପହୁଞ୍ଚି ନପାରିଲା, ଅଗ୍ରଣୀ ଛାତ୍ରୀମାନେ ପ୍ରକ୍ସିର ବନ୍ଦୋବସ୍ତ କରନ୍ତି ।

ସିପ୍ରା କହେ, ଆଜକାଲିକାର ତରୁଣମାନଙ୍କର ସିଭିକ୍ ଜ୍ଞାନ ମୋଟେ ନାହିଁ । ନାରୀ ଜାତିକୁ ସମ୍ମାନ ଦେଇ ଶିଖି ନାହାନ୍ତି । କେଉଁ ମଫସଲୀ ଅଶିକ୍ଷିତ ଅନ୍ଧାରୀ ମୁଲକରୁ ଆସିଛନ୍ତି କେଜାଣି ?

ଗୀତା ସିପ୍ରା କଥାରେ ଏକମତ ହୁଏ । କହେ, ସବୁ ତରୁଣ ମନ ସେଇପ୍ରାଟେଲା ! ଭାରି ଦୁର୍ବଳ ସେମାନେ । ସେମାନଙ୍କ ପିଆସୀ ଆଖିର ଲୋଲୁପ କଟାକ୍ଷକୁ ଜବତ୍ କରିବାକୁ ହେବ । ତାଙ୍କ ବିରୁଦ୍ଧରେ ରୀତିମତ ସଂଗ୍ରାମ କରିବାକୁ ହେବ ।

ସିପ୍ରା ସାହିତ୍ୟିକ ଭାଷାରେ ମନ୍ତବ୍ୟ କରେ ଆମର ଗୋଟିଏ ସ୍ୱତନ୍ତ୍ର ଆସୋସିଏସନ୍ ଦରକାର, ଆନ୍ଦୋଳନ ଦରକାର । ପୁରୁଷ ପିଲାଙ୍କୁ ଚେତାଇ ଦେବା ଉଚିତ ଯେ ଆମେ ତାଙ୍କଠୁ କୌଣସି କ୍ଷେତ୍ରରେ ନ୍ୟୁନ ନୋହୁଁ ! ବରଂ ରୂପ, ଗୁଣ, ସୌନ୍ଦର୍ଯ୍ୟବୋଧ ଇତ୍ୟାଦି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଉପରେ ଆମର ସ୍ୱତନ୍ତ୍ର ସ୍ଥାନ ରହିଛି,

ଆଜି ସେ ସ୍ଥାନଗୁଡ଼ିକ ନାଷ୍ଟି ଜାତି ପାଇଁ ସବୁଦିନଲୁ ସ୍ୱତନ୍ତ୍ର ଭାବରେ ସଂରକ୍ଷିତ, ନିରଙ୍କୁଶ ।

କୁମାରୀ ମୁଗ୍‌ଧା ଆଲୋଚନାରେ ଉପସ୍ଥିତ ଥାଇବା’ କିଛି ମନ୍ତବ୍ୟ ପ୍ରକାଶ କରେ ନାହିଁ । ଉପରେ ପଞ୍ଚ ଅନାହୂତ ଚର୍ଚ୍ଚା କରିବା ତାର ଆଚରଣର ବାହାରେ । କଥାର ଗତିକୁ ଖାଲି ନଜର ରଖିଥାଏ । ମୋଡ଼ ଉପରେ ପହଞ୍ଚି ବାଟବଣା ହେଲେ ବେଳେବେଳେ ଦେଖାଇ ଦିଏ ! ମୁଗ୍‌ଧାକୁ ସମସ୍ତେ ତାରିଫ୍ କରନ୍ତି ସତ କିନ୍ତୁ ତାର ଆଦର୍ଶ ଭରି ଉପଦେଶ ସମସ୍ତଙ୍କର ପସନ୍ଦକୁ ଆସେ ନାହିଁ ।

ଆଶାଦେବୀ ମୁଗ୍‌ଧାର କଥା ଶୁଣିଲେ ହସି ଦିଅନ୍ତି । ସେ ହସ ମନର ଅପସନ୍ଦକୁ ବ୍ୟକ୍ତ କରେ - ଅସମର୍ଥନ ସୂଚକ ଲହରୀଆ ନିଃଶ୍ୱାସ କହେ - ଏଇ ବୁଦ୍ଧି ନେଇ ପାଦ ବଢ଼ାଇବୁ ? ଛିଃ, ଚଳିବ !

ସେ ଦିନର ଆଲୋଚନା ଅମୀମାଂସିତ ରହିଗଲା ବେଳେ ମୁଗ୍‌ଧାର ମତ ପଚରା ହେଲା । ମୁଗ୍‌ଧା କହିଲା, ମୁଁ ଯାହା କହିବି ଶୁଣିବ ?

ଯଦି ପସନ୍ଦକୁ ଆସେ - ଆଶା ଉତ୍ତର ଦେଲା ।

ସତକଥା ସବୁବେଳେ ଅପ୍ରିୟ ହୁଏ। ସେ କଣ ପସନ୍ଦକୁ ଆସିବ ?

ଯଦି ଯୁକ୍ତି ଭିତରେ ରହେ - ସିପ୍ରା କହିଲା ।

ମୁଁ ଯୁକ୍ତି ବାହାରକୁ ଯିବି ନାହିଁ ସିପ୍ରା । ପରକଥା ଆଲୋଚନା କରିବା ପୂର୍ବରୁ ନିଜକୁ ନିଜେ ସମାଲୋଚନା କରି ଦେଖିବା ସବୁବେଳେ ଭଲ । ନିଜେ ସଂଯତ ହେଲେ ସବୁ କଥାର ସମାଧାନ ହୋଇଯାଏ । ଦୁର୍ବଳତା ନ ଦେଖିବାଯାଏ ଅଭିଜ୍ଞ ଲୋକ ଭୟ କରେ । ପାଖ ମାଡ଼େ ନାହିଁ ।

ମାନେ ? ସ୍ୱାତୀ ପଚାରିଲା - ଏଣ୍ଟି ବଦ୍‌ଖିଆଲୀ ତରୁଣ ସମାଜର ଆପତ୍ତିଜନକ ବ୍ୟବହାର ମୂଳରେ କଣ ଆମର ନିଜର ଦୁର୍ବଳତା ଅଛି ? ତାଙ୍କର ସେହି ଡାହାଣା ଆଖିକୁ ଆମେ କଣ ନିମନ୍ତ୍ରଣ କରୁଁ ?

କ୍ଷମା କରିବୁ ସିଡା ! ତୋର ଏହି ବଙ୍ଗାଳୀ- ବେଣୀରେ ସୁ
ଅନେକ ଫୁଲ ମାରୁ । ତେଣୁ ଅପରିଚିତ ଯୁବକର ଆଖି ଅଟକି ଯା
ବେଳେବେଳେ ।

ଆଉ ମୁଁ ? ସିପ୍ରା ପଚାରିଲା ।

ତୋ ମନକୁ ପଚାରୁନୁ ? ମୁଗ୍‌ଧା ଉତ୍ତର ଦେଲା ।

ମନ ପୁଣି କଥା କହିବ ? ମୋର ଅଯତ୍ନରେ ମନ । ମୁଁ
କାହିଁ ବେଣୀରେ ମୋର ଫୁଲ ଦିଏ ନାହିଁ ।

ମନ କଥା କହେ ସିପ୍ରା ! ବେଳେବେଳେ ମନ ଶରୀରକୁ
ଅଯତ୍ନ କରେ ! ତୁ ସିନା ବେଣୀରେ ଫୁଲ ମାରୁନାହୁଁ, ତୋ
ଆଖିରେ ଫୁଲର କଥା କହୁ । ନରମ ଗାଲର ସ୍ନୋ ପାଉଡ଼ର ଆ
ରକ୍ତ ଅଧରର ଲିପ୍‌ଷ୍ଟିକ୍ ଦାଗ ବେଣୀ ଫୁଲଠାରୁ ଆହୁରି ମୁଗ୍
କଥା କହେ ।

ମୋ'ର ସମ୍ବନ୍ଧରେ ମାନ୍ୟବର ବିଚାରପତିଙ୍କ ମନ୍ତବ୍ୟ ଶୁଣି
ପାରେ କି ? କୁମାରୀ ଆଶା ଦେବୀ ଆଗଭର ହୋଇ ପଚାରିଲେ ।

ତୁ'ତ ଜାଣୁ ଆଶା ମୁଁ ସ୍ପଷ୍ଟବାଦୀ ବୋଲି ଅନେକ ବଦନା
ପାଇଛି । ସେ ବଦନାମ୍ ପ୍ରତି ଆଉ ମୋର ଆଗ୍ରହ ନାହିଁ କି ଉଲ୍ଲ
ନାହିଁ । ମୋତେ କ୍ଷମା ଦେବୁ ।

ମୁଗ୍‌ଧା ଜାଣେ ଆଶା ତାର ପ୍ରତ୍ୟେକ କଥାକୁ ବିରୋଧ କରେ
ଭଲରେ ହେଉ କି ମନ୍ଦରେ ହେଉ । ଭଲ କହିଲେ ବି ଭୁଲ ବୁ
ସମାଲୋଚନା କରେ । ତେଣୁ ଆଶା ଉପରେ ଟିପ୍‌ପଣୀ ଦେଇ ଆସି
ବିରୋଧକୁ ଏଡ଼େଇ ଦେବା ଭଲ ।

ତୋତେ ବିଦ୍ୟାବତୀ ! କହିଲୁ--ଆଶା ଜୋରକଲା ମୁଗ୍‌ଧାକୁ

ବିଦ୍ୟା ନାଁରେ କହୁଛି ଆଶା, ତରୁଣ ଯୁବକଙ୍କ ଆଗରେ ତେ
ଚରଣ ତରଙ୍ଗ ଢଙ୍ଗ ଚପଳ ଅସମୀଚୀନ । ବିଶେଷ ଉପରେ

ଟାଇଟ୍ ଫିଟ୍ ବ୍ଲାଉଜ ତୁ କାହିଁକି ପିନ୍ଧ, ଶୁଣେ ? ଭାରତୀୟ ତରୁଣୀର ସ୍ୱଭାବ ସୁଲଭ ଲଜ୍ଜ୍ୟାକୁ ତ ଆମେ ତ୍ୟାଗ କଲେ, ତାର ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଶିକ୍ଷାର ଖୋଲପା ଭିତରେ ବନ୍ଦିନୀ ହୋଇ ମନେ କରୁଛୁଁ, ଆମେ ସୁଶିକ୍ଷିତା, ସଭ୍ୟା ! କିନ୍ତୁ ଆମର ମନେ ରଖିବା ଉଚିତ ଯେ ଆମ ଦେଶର ଜଳବାୟୁ ଭିନ୍ନ, ଆମର ଆଦର୍ଶ ପୃଥକ୍, ଆମର ସଂସ୍କୃତି ଓ ସଭ୍ୟତା ନିଜ ସ୍ୱାମୀୟ ।

ଓଃ-ତୋ ମତରେ ଓଢ଼ଣାଦେଇ କବାଟ କୋଣରେ ବୋଧହୁଏ ଲୁଚିବା ଉଚିତ ଥିଲା । ତୁ ଆଜି କଲେଜ ମାଡ଼ୁଥିଲୁ କାହିଁକି ? ତୋର ଭଳି ଆଉ ଗଣ୍ଡେ କି ପାଞ୍ଚୁଟା ମୁଗ୍‌ଧା ବାହାରି ପଡ଼ନ୍ତେକି ଏ ଦେଶର ନିଜ ସ୍ୱାମୀୟ ସଂସ୍କୃତି ବୋଧହୁଏ ଆହୁରି ଊର୍ଦ୍ଧ୍ୱଗାମୀ ହୋଇ ମଙ୍ଗଳ ଗ୍ରହରେ ପହଞ୍ଚି ଯାନ୍ତା ! ଏକାବେଳକେ ସ୍ପୁଟ୍‌ନିକ୍‌ଭ’ !

ସମସ୍ତେ ହସି ହସି କମନ୍‌ରୁମ୍‌ ଛାଡ଼ିଲେ !

ମୁଗ୍‌ଧାର ମନ୍ତବ୍ୟ ସମ୍ବନ୍ଧରେ ମନଭିତରେ ଖୁସି ହେଲେ ସେମାନେ । ବେଣୀରେ ସାମାନ୍ୟ ଫୁଲ ଗଜରାଟିଏ, ମୁହଁରେ ଟିକିଏ ଫେଜ୍ ପାଉଡର, କ ଓଠରେ ଦ୍ୱିଧାର ଲିପ୍‌ଷ୍ଟିକ୍ ବୋଳିଦେଲେ ତରୁଣର ମନ ଯଦି ଚଳଚଞ୍ଚଳ ହୋଇଉଠେ, ସେମାନଙ୍କ ମନ ଭିତରେ ଯଦି କିଛି ଗୋଟିଏ ଗମ୍ଭୀର ରେଖା ଅଙ୍କନ କରିଯାଇ ପାରେ, ତେବେ ସେମାନେ ତହିଁ କି କୃପଣ ହେବେ କାହିଁକି ?

ତହିଁ ଆର ଦିନ ମୁଗ୍‌ଧା ଦେଖିଲା, ସୀତା ବେଣୀ ମୂଳର ଫୁଲ ମାଳକୁ ଜାଣିଶୁଣି ଗଳା ତଳକୁ ଖସାଇ ନେଇଛି । ମଲ୍ଲୀମାଳ ଭିତରେ ସୁରଭିତ ଚମ୍ପା ଯୋଡ଼ିଛି । ଦେହରେ ବେକରେ ଡେକାନ୍‌ - କୁଇନ୍‌ ବୋଲି ହୋଇଛି । ରୀତାର ଅନ୍ତରଙ୍କ ଇଚ୍ଛା, ଚପଳ ତରୁଣ ଦଳ ତାର ବେଣୀ ଫୁଲର ମନ ମତାଣିଆ ଗନ୍ଧରେ ଆକୃଷ୍ଟ ହୁଅନ୍ତୁ !

ତାର ଶରୀର ନିସୃତ ଡେକାନ୍ କ୍ଲବନ୍‌ର ସୌରଭ ସେମାନଙ୍କୁ ଵିମୁଗ୍‌ଧ କରୁ ।

ଆଉ ତରୁଣୀ ସିପ୍ରା ? ଗାଲରେ ଅଧିକ ପାଉଡର ଦେଇ ଦୀର୍ଘ ସମୟ ଧରି ଘସି ଥିଲା । ଗାଲଚମ ମନ୍ଦାର ପାଖୁଡ଼ା ଭଳି ନରମି ଯାଇ, ରକ୍ତ ପରି ଝଲ୍‌ମାରିବା ଯାଏ ଅପେକ୍ଷା କରିଥିଲା ! ଅଧର ଦୁଇଟିରେ ଲଘୁ ରଙ୍ଗ ଆଣିବା ପାଇଁ ହୁଏତ ଅନେକ ଚେଷ୍ଟା କରିଥିବ । ସୁଦୀର୍ଘ ସକାଳଟି ଦର୍ପଣ ଆଗରେ କଟାଇ ଦେଇଛି ନା କଣ ?

ଆଶା, ଆନନ୍ଦର ଆଧିକ୍ୟରେ ଅଧିର ହୋଇ ପଡୁଥିଲା । ତାକୁ ଦେଖିଲେ ମନେ ହେଉଥିଲା ତାର ଚିର ଇପ୍‌ସିତ ବସ୍ତୁ ହାତ ପାହାନ୍ତାରେ ପଡ଼ିଛି । ସେ ଉଚ୍ଛଳ ତରଙ୍ଗ ଭଳି ଛଳଛଳ ହେଉ-ଥିଲା । ବନ୍ୟା ନଈ ଭଳି କଳକଳ ହୋଇ ବୋହି ଯାଉଥିଲା । କଜଳ ଆଖିରେ ଥିଲା ଅନେକ ସ୍ଖଳିତ ଭାଷାର ସୁପିକୃତ ବ୍ୟୂହ ! ତାର ଚପଳ ତରଙ୍ଗ ଗ୍ରୀବାଣୀରେ ବୁଣି ଯାଉଥିଲା ବଲାତି ମଦର ନିଶା ! ରଙ୍ଗୀନ୍ ଆଉ ତାଜା ! ଆଧୁନିକ ବେକ କଟା ଚାଇନିଜ୍ ଫିଟ୍ ବ୍ଲାଉଜ୍ ଉଚ୍ଛଳ ଯୌବନକୁ ଅଧିକ ସୁସ୍ପଷ୍ଟ କରି ତୋଳୁଥିଲା । ଆଶା ଜଳନ୍ତା ନିଆଁ ଭଳି ସୁନ୍ଦର ଓ ଲୋଭନୀୟ ଦେଖା ଯାଉଥିଲା ।

ଉସ୍ତୁକ ଯୁବକ ସମାଜ ଦେଖିଲେ ଗାର୍ଲସ କମନରୁମ୍ ତିନୋଟି ପ୍ରଗଲ୍‌ଭା ତରୁଣୀଙ୍କର ସୁନ୍ଦର ସମାବେଶରେ ତ୍ରିବେଣୀ ସଙ୍ଗମର ମାଧୁର୍ଯ୍ୟ ଫୁଟାଇ ପାରିଛି ! ବିନା କାରଣରେ ସେମାନେ ବାରମ୍ବାର ଯାତାୟାତ କଲେ ତାଙ୍କର ସାମନାରେ । ସେମାନଙ୍କର ଅଦ୍ଭୁତ ଆଶା, ହୁଏତ ଏମିତି ଏକ ମାହେନ୍ଦ୍ର ଲଗ୍ନ ଜୁଟିବ, ଯେତେ-ବେଳେ ଏହି ସୁନ୍ଦରୀ ତରୁଣୀମାନେ ଆଖି ଫେରାଇ ଅନାଇବେ । ଦୁଇଟି ଆଖି ସଙ୍ଗେ ଆଉ ଦୁଇଟି ଆଖିର ମିଳନ ହେବ— ଗୁରୋଟି

ଆଖି ପରସ୍ପର ଚୁପ୍ ଚୁପ୍ କଥା ହେବେ । ସେହି ଦର୍ଶନର ଆନନ୍ଦ ଅନେକ ଦିନ ଯାଏ ମନେ ରହିବ । ଏକେଲା ଅବସ୍ଥାରେ ମନେ ପଡ଼ିଲେ ଅବଶ ଅଙ୍ଗରେ ପୁଲକ ବାଢି ଦେବ ।

ତରୁଣ ଛାତ୍ରମାନେ ଜଣଜଣ ହୋଇ ଚାଲିଗଲା ବେଳେ ତରୁଣୀ ଛାତ୍ରୀମାନେ ପିଆସୀ ଆଖିରେ କଟେଇ କଟେଇ ଚାହାନ୍ତି । ଆଖିରୁ ଅନ୍ତର ହେଲେ ପରସ୍ପରକୁ ଚାହିଁ ମୁଚୁକି ମୁଚୁକି ହସନ୍ତି ! ସେ ହସ କହୁଥାଏ, ଦେଖିଲୁ ମୋର ରୂପ ସମ୍ଭାରର ପ୍ରଖରତା କେତେ ?

ଶ୍ୱେତା ନୀରବ ଆଖିରେ ଜଣାଏ, ମୋର ବେଣୀର ଗନ୍ଧ ସେବତୀର ସୁଗନ୍ଧ ଠାରୁ ସରସ !

ସିପ୍ରାର ମୁଚୁକି ହସ କହେ, ମୋର ମୁଖ ମଣ୍ଡଳ ପଦ୍ମର ପାଖୁଡ଼ା ଠାରୁ କୋମଳ ଓ ଶ୍ରୀଯୁକ୍ତ !

ଆଶାର ଅପାଙ୍ଗ କହେ ମୋର ରୂପଚର୍ଯ୍ୟା ବସନ୍ତର ମଳୟ ଠାରୁ ଅହୁରି ଦୁଷ୍ଟ, ଅହୁରି ମଧୁର !

ସମସ୍ତେ ସମସ୍ତଙ୍କ ମନଭିତରେ ଭାବନ୍ତି କେବଳ ତାର ରୂପ-ସମ୍ଭାର ତରୁଣ ଛାତ୍ରଙ୍କୁ ଆକର୍ଷଣ କରୁଛି । କିନ୍ତୁ କୁମାରୀ ମୁଗ୍ଧା ଜାଣେ, ଶ୍ୱେତା ତାର ସ୍ୱଳ୍ପ କେଶଗୁଚ୍ଛର ଅସହାୟତା ଦୂର କରିବାକୁ ନକଲି କେଶ ମିଶାଇ ବେଣୀ ବାନ୍ଧେ । ପୁଣି ଚିହ୍ନା ନ ପଡ଼ିବ ବୋଲି ବେଣୀ ମୂଳରେ ଫୁଲ ଖଞ୍ଜେ । ସିପ୍ରା ଉପଡ଼ ବସନ୍ତ ଦାଗକୁ ଘୋଡ଼ାଇବାକୁ ସ୍ନୋ, ପାଉଡରର ଆଶ୍ରୟ ନିଏ । ଆଉ ସହ-ପାଠିନୀ ଆଶା ? ସ୍ୱାଭାବିକ ରୂପରେ ତାର ଅବଗୁଣ ନଥିଲେ ବି ଦେଖାଇ ହେବାକୁ ଭଳିକି ଭଳି ବେଶ ହୁଏ । ପ୍ରଜାପତି ମନରେ ତାର ବେତବତୀ ନଦୀର କ୍ଷୀପ୍ରତା ! ଧନୀ ପିତାର ଅଲିଅଲି ଝିଅ ଆଶା, ମଧ୍ୟବିତ୍ତ ଗୃହସ୍ଥର ସାଧାରଣ ଝିଅ ମୁଗ୍ଧା ଭଳି ନୀରବ ରହିବାକୁ ନାପସନ୍ଦ କରେ ।

ଛାତ୍ର ସମାଜର ଅଗ୍ରଣୀ ସଭ୍ୟଙ୍କ ଭିତରେ କଲେଜ ତରୁଣୀଙ୍କ ସମ୍ବନ୍ଧରେ ଅନେକ ଆଲୋଚନା ହୁଏ ! ଛାତ୍ରୀମାନଙ୍କ ବ୍ଲାଉଜ୍ କନାର ରଙ୍ଗଠାରୁ ଆରମ୍ଭକରି ବେଣୀର ଫିତା ପର୍ଯ୍ୟନ୍ତ ସେମାନେ ମନେ ରଖିଥାନ୍ତି । କ୍ଲାସର ଡେଲି ଟାସ୍କ୍ ଆଜ ମନେ ପଡ଼େନା' ।

ସୁମନ୍ତ ଏଇଭଳି ଆଲୋଚନାରୁ ନିଜକୁ ଯଥା ସମ୍ଭବ ଦୂରେଇ ରଖେ ! ଗଳ୍ପ କଥା ପାଶୋରି ଦେଇ ପାଶୋରି ହସକୁ ଅଧର ପାଖକୁ ଡାକି ଆଣେ । ମୁକ୍ତ ପବନଭଳି ଦିନମାନ ଆନନ୍ଦରେ କଟିଯାଏ । ସଙ୍ଗଛଡ଼ା ବନ୍ଧୁ ପୁଣି ଥରେ ପାଖେଇ ଆସନ୍ତି । ସେମାନଙ୍କର ଦୋଷଯୁକ୍ତ ସମାଲୋଚନାକୁ ନିଜର ସରଳ ଗୁଣରେ ସୁମନ୍ତ କ୍ଷମା ଦିଏ । ସମସ୍ତଙ୍କୁ ନିଜର କରି ଆନନ୍ଦ ପାଏ ।

ଦିନ ଆଗେଇ ଚାଲେ ....... ଗଳ୍ପକଥା ସବୁ ପଛେଇ ଯାଏ । ସିପ୍ରା ଓ ଖ୍ୱାତା ପ୍ରଥମ ବର୍ଷ ପରୀକ୍ଷାରେ ଅଟକିଯାଇ କଲେଜ ଛାଡ଼ିଦିଅନ୍ତି । ମୁଗ୍ଧା ଓ ଆଶା, ସୁମନ୍ତ ସାଥିରେ ଆଗେଇ ଚାଲନ୍ତି । ସାଙ୍ଗ ସାଥିମାନେ ଚିଡ଼ୁନ୍ତି, ସୁମନ୍ତ କିଏ ଆଶା କିଏ । ସୁମନ୍ତ ଉପରେ କଟୂକ୍ତି ପ୍ରୟୋଗ କରିଥିବାରୁ ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କରନ୍ତି ! ତହଲ ପାଣି ଥମିଯାଏ ...... କିନ୍ତୁ ଆଶା ?

ସମସ୍ତଙ୍କ ଆଖିରେ ଅନୂଢ଼ା ଆଶା ଜ୍ୱଳାମୁଖୀମାନ ଅଗ୍ନି କଣିକା ! ଦେହରେ ମନରେ ଅନେକ ଅଭିଳାଷ, ଅନେକ କ୍ଷୁଧା ନେଇ ସେ ବିଚରଣ କରେ । ତାର ପଦ ଧ୍ୱନିରେ ଛନ୍ଦିତ ହୋଇ ଉଠେ ଅନେକ ଅଳସ ରାତିର ଆଳସ୍ୟ ! 'ରଜରାଣୀ'ର ହାସ୍ୟ ଓ ଲାସ୍ୟମୟୀ ତରୁଣୀଭଳି ମୁଖ ଭଙ୍ଗୀରେ ଅନେକ କଥା ଜଣାଏ ! ଦର୍ଶକକୁ ବିମୁଗ୍ଧ କରି ସେ ଖିଲଖିଲ୍ ହୋଇ ହସେ, ଦର୍ଶକ ସମଗୋତ୍ରୀ ହୋଇଥିଲେ ସେ ଅପାଙ୍ଗ, ସେ ହାସ୍ୟର ଅର୍ଥ ବୁଝେ । ତାର ବିଲୋଲ ଆଖିର ଅପାଙ୍ଗବୃତ୍ତ ଭିତରୁ ନିଜକୁ କଢ଼େଇ ରଖେ ।

ସମୟ ସମୟରେ ଆଶାର ଦାମିକା ପଣିଛନ୍ଦରେ ସଂପୂର୍ଣ୍ଣ ଅସ୍ୱାଭାବିକତା ଫୁଟି ଉଠେ ! କଲେଜ ଛାତ୍ରଠାରୁ ଆରମ୍ଭକରି ତରୁଣ ଅଧ୍ୟାପକ ପର୍ଯ୍ୟନ୍ତ ସମସ୍ତଙ୍କ ମନ ଭିତରେ ସାମୟିକ ବିଚ୍ୟୁତି ଆସେ । ସେ ସମଗ୍ର କଲେଜ ଭିତରେ ଗୋଟିଏ ବିରାଟ ପ୍ରଶ୍ନବାଚୀ ହୋଇ ଛିଡ଼ାହୁଏ । ସତେକି ଭାନୁମତୀ ଦେଶର ସୁନାନାକୀ ଝିଅ !!

ଆଶା ଯୌବନର ପହିଲି ପାହାଚରେ ପାଦ ଦେଇ ଦୁନିଆକୁ କଳ୍ପନାର ରଙ୍ଗ ବୋଲି ଚାହୁଁଛି । ଧନୀ ପିତାର ସ୍ନେହଶୀଳା ସନ୍ତାନ ଭାବରେ ସେ ଖାଲି ହସିଛି ଓ ହସାଇଛି ! ଦୁଃଖ ଓ ଦୈନ୍ୟର ତଟ ସ୍ପର୍ଶ କରି କେବେ କାନ୍ଦିନାହିଁ । ପ୍ରାଣ ତାର ପ୍ରାଚୁର୍ଯ୍ୟର ପୁଷ୍କରିଣୀ ଭିତରେ ପହଁରି ପହଁରି ଖେଳୁଛି - ଜୀବନ ତାର ସୁଖ ସୌଭାଗ୍ୟର ହୋରି ଖେଳରେ ବ୍ୟସ୍ତ ଅଛି । ହୁଏତ ଧକ୍କା ନ ଖାଇଲା ଯାଏ ସେ ବିସ୍ତର ଖେଳିବ ......... କୁଆଁରିଆ ଯୌବନର ଚପଳତା ନଭାଙ୍ଗିଲା ଯାଏ ପାଣି ସୁଅର ପଥର ଦାନ୍ତକୁ ବି ମାନିବ ନାହିଁ ।

ଆଶାର ଚପଳତା ଭିତରେ ବାନ୍ଧିହୋଇ ଅନେକ ଅପରିଚିତ ତରୁଣ ନିଜକୁ ବନ୍ଧୁ ବୋଲି ପରିଚୟ ଦିଅନ୍ତି । ତାର ସାନ୍ନିଧ୍ୟ ପାଇ କୃତକୃତ୍ୟ ହୁଅନ୍ତି । ଗୋଲାପୀ ଓଠର ହାଲ୍କା ହସ, ଆଖି ପତାର ସହଜ ସୁନ୍ଦର ଭ୍ରୂ ବିଳାସ ଅନେକ କବିତାର ଆଧାର ହୁଏ । ଆଶା ଖୁସିହୁଏ ! ଜୀବନ ଯୌବନର ତରଣୀ ଉପରୁ ବେପରୁଆ ଆହୁଲା ମାରେ ! ଲକ୍ଷ୍ୟହୀନ ସେ ଯାତ୍ରା - ଅଗମ୍ୟ ସେହି ଅଲକ୍ଷ ଯାତ୍ରାର ପଥ । ତଥାକଥିତ ବନ୍ଧୁ ତାର ରୂପର ସୌରଭରେ ମୁଗ୍ଧ ହୁଅନ୍ତି-- ତାକୁ ରାସ୍ତାଘାଟରେ ଦେଖି ଅଭିନନ୍ଦନ ବାଢନ୍ତି —

କିନ୍ତୁ ଆଶା ଦେଖେ ସୁମନ୍ତ ଫେରେନାହିଁ-- ନିର୍ଜନ ସଡକରେ ସେ ଆସୁ ଆସୁ ଆଶାକୁ ଆସୁଥିବାର ଦେଖିଲେ ବାଟ ଭାଙ୍ଗି ଚାଲିଯାଏ-- ସୁମନ୍ତର ଅଗ୍ରହହୀନ ମନରେ ଆକାଶୀ ରଙ୍ଗ ବୋଳିବାକୁ ଅନେକ

ପିଞ୍ଜରର ଝୋଖାକେ ଆଶା ! କିନ୍ତୁ ନିରାଶ ହେବାହିଁ ସାର ହୁଏ — ଗାଲ୍ ଛୁଣ୍ଡି ଯାଏ, କିନ୍ତୁ କପୋତ ଧରା ଦଏନା । ମନ ତାର ହାହାକାର ଭିତରେ ଆର୍ତ୍ତନାଦ କରେ ।

କଲେଜର ପ୍ରଥମ ବର୍ଷ ଅଭିନବ କଳ୍ପନା ଓ ଔଦ୍ଧତ୍ୟ ଭିତରେ କଟିଗଲା । ପରୀକ୍ଷା ଫଳ ବାହାର ଦ୍ୱିତୀୟ ବର୍ଷରେ ପଦାର୍ପଣ କଲା-ବେଳେ ଅନେକ ସାଙ୍ଗ ସାଥୀ ଦୂରେଇ ଯାଇଥିଲେ । ବାକି ଯେତକ ଥିଲେ ସେମାନଙ୍କ ମନ ଭିତରେ ପ୍ରଥମ ବର୍ଷର ଅଜଣା ସଂକୋଚ ନଥିଲା । ସେମାନେ ପରସ୍ପର ପାଖେଇ ଆସି ଜଣେ ଅନ୍ୟକୁ ବୁଝି-ବାକୁ ଚେଷ୍ଟା କରୁଥିଲେ । ମୁଗ୍ଧା ଓ ଆଶା ଭିତରେ ଯେମିତି ବନ୍ଧୁତାର ଡୋରି ଦୃଢ ହୋଇଥିଲା, ସୁମନ୍ତ ଓ ଶ୍ରୀକାନ୍ତ ଭିତରେ ସେମିତି ସହୃଦୟତା ବୃଦ୍ଧି ପାଉ ଥିଲା ।

ରୀତା ଓ ସିପ୍ରା ପାଖରୁ ଆଶା ଓ ମୁଗ୍ଧା ଚିଠି ପାଆନ୍ତି । ରୀତାର ଚିଠି ଭିତରେ ଗୋଟିଏ କରୁଣ ସ୍ୱର ଝଙ୍କାର ତୋଳିଥାଏ । ସେ ଲେଖେ, କଲେଜର ପରିବେଷ୍ଟନୀ ଗାଁ ଗହଳର ଅପରିସର ବାୟୁମଣ୍ଡଳ ଠାରୁ ଅନେକ ଭିନ୍ନ । ଅନେକ ତଫାତ୍ । ଗାଁ ଭିତରେ କଲେଜର ସେହି ଉପଭୋଗ୍ୟ ରୋମାଞ୍ଚ ନାହିଁ କି ସ୍ୱାଧୀନତା ନାହିଁ । ସହରରେ କିଛୁଦିନ କଟାଇ ଦେଇ ଗାଁକୁ ଫେରିଆସିଲେ ମନେହୁଏ ସତେ ଯେମିତି ଗୋଟିଏ ସଂପୂର୍ଣ୍ଣ ଅପରିଚିତ ଗ୍ରହ ଉପରେ ପାଦ ପଡିଲା । ସବୁ କଥାରେ ସମାଜ ଓ ସଂସ୍କୃତିର ନିଗଡ଼ ପାଶ । ମଉଜ ମଜଲିସତ ଏକାବେଳକେ ସ୍ୱପ୍ନ — ଉଦାସିଆ ବାତାବରଣ ଭିତରେ ରହି ମନର ସବୁ ସରାଗ ଭାଙ୍ଗିଯାଏ — ଲୁସ ବହୁଳ ପୋଷାକ ପରିଚ୍ଛଦ ବା ନୂଆ ଡିଜାଇନ୍‌ର ପ୍ରସାଧନ ସାମଗ୍ରୀ ବ୍ୟବହାର କରିବାତ ଦୂରର କଥା, ଦେଖିବାକୁ ବି ମିଳେନାହିଁ । ନା ଅଛି ଜୀବନ, କି ଜୀଇଁବାର ସ୍ୱାଦ ।

ଗୀତା ଗଳ୍ପିର ଶେଷାଂଶରେ ଅତୀତ ପାଇଁ ଅନୁତାପ କରି ଲେଖେ, ଅକାରଣଟାରେ ଜୀବନର ଗୋଟିଏ ବର୍ଷ ବିତିଗଲା । ମରୀଚିକା ପଛରେ ଅନୁଧାବନ କରି 'କେରିଅର'ଟା ନଷ୍ଟ ହେଲା ତାହା । ଇଲ୍ଲିବରେ ପଢ଼ାଶୁଣା କରି ପାଶ୍ କରି ପାରିଥିଲେ ହୁଏତ ଦ୍ୱିତୀୟ ବର୍ଷର ରହଣି ସହଜରେ ପଥ ପରିଷ୍କାର କରି ହୋଇଥାନ୍ତା ।

ତା ପରେ ପରେ ହଠାତ୍ କଲମର ସ୍ୱଚ୍ଛନ୍ଦ ଗତି ବାଧା ପ୍ରାପ୍ତ ହୋଇଛି — କଲମ ମନକୁ ଅନେକ ପରୀକ୍ଷା କରି ଗୀତା ବୋଧହୁଏ ହାତ ଚଲାଇଛି । ଅକ୍ଷର ଗୁଡ଼ିକ ଆଗ ଲାଇନ ଅପେକ୍ଷା ସରୁସରୁ — ଛୋଟଛୋଟ ! ଲେଖିବା ପୂର୍ବରୁ ଲେଖିବ କି ନାହିଁ ବୋଲି ଅନେକ ସମୟ ଯାଏ ଭାବି ହୋଇଛି । ବାଧ୍ୟହୋଇ ଲେଖିଛି, ଗଲା ହପ୍ତାରେ ମୋର ବାହାଘର ପ୍ରସ୍ତାବ ପଡ଼ିଥିଲେ ! ବୋଧହୁଏ ଦିନେ ଦି'ଦିନ ଭିତରେ 'ସେମାନେ ସବୁ' ଦେଖିବାକୁ ଆସିବେ । ଆଉ କଥା ପରେ ଲେଖିବି ।

ମୁଗ୍ଧା ଓ ଆଶା ଶେଷାଂଶରେ ପଢ଼ି, ପଢ଼ି ରହି ହସନ୍ତି । ଏଇ ଗୀତା ! କଲେଜରେ ପଢ଼ିଲାବେଳେ ଭଲକୁ ଭଲ ବେଶୀ କାହିଁ ବେଶ, କେଶ ପ୍ରସାଧାନ ଉପରେ ଲମ୍ବା ଲମ୍ବା କଥା କହେ । ପୋଷାକ ପରିଚ୍ଛଦ ନେଇ ସମସ୍ତ କଲେଜକୁ ଲିଡ୍ କରେ, ସିଏ ପୁଣି ହି ଗତାନୁଗତିକ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛି, ଦିଣା ଦେଇ କୁପ୍ କୁପ୍ ବସିବ । ସଂସାର ଭାଙ୍ଗି ଚୁରମାର ହୋଇ-ଗଲେବି' ନିଜ ପରିବାରର କୁଞ୍ଜ - ସଂସାରକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରିବ !

ଆଶା ମୁଗ୍ଧାକୁ ପଚାରେ, ନାରୀ ଜୀବନ କଣ ବିବାହ ବେଦୀରେ ଶେଷ ? ବିବାହ ନ କରି ଅନ୍ୟ କିଛି ପନ୍ଥା ନାହିଁ ? ତେବେ ନାରୀ ଜୀବନର କଣ ସାର୍ଥକତା ନାହିଁ ? ସ୍ୱାଧୀନ ଭାବରେ ରହି ଜୀବନଯାପନ କରିବା କଣ ତା'ର ଅଧିକାରର ବାହାରେ ??

ମୁଗ୍ଧାର ଉତ୍ତର ସଂକ୍ଷିପ୍ତ ହେଲେବି ସୁସ୍ପଷ୍ଟ । କହେ, ନାରୀ ସ୍ୱାଧୀନ ଜୀବନ ଯାପନ କରିବା ଅସମ୍ଭବ ନହେଲେବି କଷ୍ଟସାଧ୍ୟ । ମନକୁ ନିର୍ଜୀବ ପଥର କଲେ ଚଳିବ ।

ତଥାପି ...............

ମୁଗ୍ଧା ଓ ଆଶାର ତରୁଣୀ ମନ ବିବାହ ପ୍ରଶ୍ନ ଭିତରେ ପଶି ଇତସ୍ତତ ହୁଅନ୍ତି । ନିଜ ନିଜର ସଂକୀର୍ଣ୍ଣ ଦୃଷ୍ଟି କୋଣ ନେଇ ସେମାନେ ସମାଧାନର ପଥ ଖୋଜନ୍ତି । କିନ୍ତୁ ପାରନ୍ତିନି । ତାଙ୍କର ଏହି ସମାଧାନ ପଥର ସମସ୍ତ ଭାବଭାଷା ବ୍ୟସ୍ତତା ଭିତରେ ଲୁପ୍ତ ହୁଏ ।

ଦୁହେଁ ସିପ୍ରାକୁ ଚିଠି ଲେଖନ୍ତି । ଦୁହେଁ ଆଶୀର୍ବାଦ ପଠାନ୍ତି, ବିବାହ ସମ୍ବନ୍ଧ ତୋର ପକ୍କା ହେଉଥିଲେ ସିପ୍ରା ! ଆମକୁ ନିମନ୍ତ୍ରଣ ଦେବୁ । ଭୁଲିବୁନି’ଟି ......

ସିପ୍ରା ବେଳେବେଳେ ଚିଠି ଦିଏ ! ପାଠ ଛାଡ଼ିଦେଲି କି ବିବାହ କରି ପାରିନି ବୋଲି ତାର ମୋଟେହେଲେ ଚିନ୍ତା ନାହିଁ । ଚିଠିର ଭାବଭାଷାରୁ ବେଶ ବୁଝାପଡ଼େ, ସିପ୍ରା ଗୃହକାମଟିଏ ଧରି ବେଶ୍ ଫୁର୍ତ୍ତିରେ ଅଛି । ସେଇଆ ବି’ ସେ ଲେଖେ । ବିବାହ ବନ୍ଧନକୁ ମୋର ସହସ୍ର ନମସ୍କାରଲେ । ମୁଁ ହାଣ୍ଡି ମାଜି, ଚୁଲି ଫୁଙ୍କି ପାରିବି ନାହିଁ କି, ଓଢ଼ଣା ଭିଡ଼ି ଚଳିରି କରି ପାରିବି ନାହିଁ । ପେଟ ଦୁଖଣ୍ଡିକ ଯୋଗିନେବାକୁ ବଳ ଥିବାଯାଏ ମୋର ସେ ବନ୍ଧନକୁ ଯାଉଛି କିଏ ! ବିବାହତ ନୁହେ – ଷଣ୍ଢମତ ଜୁଆଳି । ଝାଣୁଆ ଯେମିତ ବୋଝ ବି’ ସେମିତ ।

ଆଶା ସିପ୍ରାକୁ ଅଭିନନ୍ଦନ ଜଣାଏ । ସେ ଖୁସି ହୁଏ ଯେ ସିପ୍ରା ବିବାହ ନ କରି ବି’ ସୁଖରେ ଅଛି । ଏହି ସୁସମ୍ବାଦ ତାର ଜୀବନ ବୀଣାରେ ନୂଆ ଝଙ୍କାର ତୋଳେ । ଭବିଷ୍ୟତ ରଙ୍ଗୀନ ଦେଖାଯାଏ ।

କିନ୍ତୁ ମୁଗ୍‌ଧା କହେ, ସିପ୍ରା ବିବାହ ନକରି ଭଲ କରନି' ।

ଅଶା ଅନେକ ପ୍ରଶ୍ନ କରେ —

ମୁଗ୍‌ଧା କହେ, ଏବେ ବୟସ ଅଛି ବୋଲି ଦମ୍ଭ ଦେଖାଉଛି - ବୟସ ଗଡ଼ିଗଲେ ସେ କରିବ କଣ ? ଘରସଂସାର ଥିଲେ ସିନା ସୁଖ - ନହେଲେ ପଚାରିବ କିଏସେ ? ସଂସାରରେ ସଭିଏ ସୁବିଧା-ବାଦୀ ! ଘର ବାହାର ମଣିଷ ସବୁବେଳେ ପର ।

"ତୁକି' ଏବେ ପଢ଼ା ଛାଡ଼ି ବିବାହ କରୁନୁ ?"

"କରିବି - କିନ୍ତୁ ଏବେ ନୁହେଁ । ସାଥିଟିଏ ଯୋଗାଡ଼ ହେଲେ ପାଠ ପଢ଼ା ଅପେ ଅପେ ବନ୍ଦ ହୋଇଯିବ ।"

ତାହା ହେଲେ କଲେଜରେ ସାଥୀ ସନ୍ଧାନରେ ଅଛୁ, ନୁହେଁ ? କହିବୁ ମୁଗ୍‌ଧା ତୋର ସେହି ଭାଗ୍ୟବାନ୍ ସାଥିଟି କିଏ ?? କାହା କାନରେ ପ୍ରେମର ବଂଶୀ ଶୁଣାଇବାକୁ ତୁ ଏତେ ତତ୍ପର ! କେଉଁ ଯୁବକର ଅଙ୍କଶାୟିନୀ ହୋଇ ତାର ଭବିଷ୍ୟତ ବଂଶଧରର ମାତା ହେବୁ ? କାହାର ଦେହରେ ମନରେ ରୂପ ଯୌବନର ମାୟା ଜାଲ ଘୋଡ଼ାଇ ଅଖି ବୁଜି ସ୍ୱପ୍ନ ଦେଖିବୁ ? କହିବୁନି ?

ସମୟ ଆସିନି' ଅଶା ! ତୁ ବି କାଳେ ଜାଣିବୁ ଯେ ।

ହେଉ ଭଗବାନ୍ ! ସେ ଶୁଭଦିନ ଶୀଘ୍ର ଘଟାଅ, ଅମ ମୁଗ୍‌ଧା ପ୍ରତି ସଦୟ ହୋଇ ଶୀଘ୍ର ଘର ବର ଯୋଗାଡ଼ କରି ଦିଅ । ବିଗୁଣୀ ବାହା ହେବାକୁ ଉଚ୍ଛନ୍ନ ହେଲାଣି ! ଅଶା ହସୁହସୁ ହାତ ଯୋଡ଼େ ।

ତୁ କଣ ବାହା ହବୁନି ଅଶା ?

ଛୁଃ, ଛୁଃ-ସେ ପାଳି ଶୁଣିବାକୁ ମୋର ଧୈର୍ଯ୍ୟ ନାହିଁ ମୁଗ୍‌ଧା ! କୁମାରୀ ଜୀବନ ଅନେକ ଭଲ, ଅନେକ ସୁନ୍ଦର ! ଗୁଡ଼ାଏ ପିଲା ଛୁଆଙ୍କୁ କାନ୍ଧକରି ଖୁଆଇ ପିଆଇ ସେବା କରିବାକୁ ମୋର ଶ୍ରଦ୍ଧା ନାହିଁ । ଘର ସଂସାର ସସୀମ, ସୀମାବଦ୍ଧ - କିନ୍ତୁ ଦେଖିଲି ଏହି

ନୀଳଅ ମୁକୁଳା ଅକାଶ ? ଅସୀମ, ଅନନ୍ତ ! ଅକାଶ ଥିବା ଯାଏ ପଞ୍ଜୁରୀ ପକ୍ଷୀ ହେବାକୁ ମୋର ଇଚ୍ଛା ନାହିଁ ।

ଅଚ୍ଛା ଦେଖିବା ! ମୁଗ୍‌ଧା ଉତ୍ତର ଦଏ ।

ଗୁଡାଏ ଦିନ ଫୁର୍ତ୍ତିରେ କଟିଯାଏ ।

ଅନେକ ଦିନ ପରେ ରୀତା ଚିଠି ଦେଲା । ସେ ଏକ ସୁଦୀର୍ଘ ଚିଠି । ଏତେଦିନ ଧରି ଉତ୍ତର ଲେଖି ନପାରିଥିବା ହେତୁ କ୍ଷମା ମାଗିଥାଏ । ତା'ପରେ ଲେଖେ, ପ୍ରଥମ ସମ୍ବନ୍ଧ ଭାଙ୍ଗି ଗଲାରେ ଅଶା ! ନିର୍ବୋଧ ପୁରୁଷ ଗୁଡ଼ାଏ ଯୌତୁକ ଦାବୀ କଲା । ଯୌତୁକ ତାଲିକା ଦେଖି ଘରର ସମସ୍ତଙ୍କର ହଂସା ଉଡ଼ିଗଲା । ମୁଁ ଅଜ ସ୍ୱତନ୍ତ୍ର କେତେବେଳେ ? ସେ ସାଥୀ ଗୃହେଁନି - ଗୃହେଁ ସମ୍ପତ୍ତି ! ମୁହେଁ ମୁହେଁ ଦି'ପଦ ଶୁଣାଇ ଦେଲି । ବର ତରଫର ଲୋକେ ପ୍ରାଣ ବିକଳରେ ପଳାଇଗଲେ । ଏବେ ପୁଣି ଥରେ ଗୋଟିଏ ସମ୍ବନ୍ଧ ପଡ଼ା ପକ୍କା ହୋଇଛି । ବର ପାନିଟି ଆମ ସୁମନ୍ତ ବାବୁଙ୍କର ଜଣେ ବନ୍ଧୁ ବୋଲି ଶୁଣୁଛି । ସୁମନ୍ତ ବାବୁତ' ଆସିବେ ନିଶ୍ଚୟ, ତୁମେ ସବୁ ମୋର ଅତିଥି ହୋଇ ହୋଇ ଆସିବଲେ ! ଅସନ୍ତା ଶତେଇଶିକ ମୋର ନିମନ୍ତ୍ରଣ ରହିଲା । ରେଲରେ ଆସିବ - ରେଲରେ ଫେରିବ ଅସୁବିଧା କିଛି ନାହିଁ । ନହେଲେ ଏ ଜନମଯାକ ଚିଠି ଦେଖ ନାହିଁଟି ! ଭାବିବ ତୁମକୁ ବନ୍ଧୁ ବୋଲି ସମ୍ବୋଧନ କରି ଭୁଲ କରିଛି । ତାରିଖ ମନେ ରହିଲାଟି ? ସତେଇଶି ।

ମୁଗ୍‌ଧା ଓ ଆଶା ଅଗରୁ ସଜବାଜ ହେଲେ ।

ରୀତାର ସୁନେଲି ସତେଇଶି ପାଖେଇ ଆସିଲା ।

ବାହାଘରେ ଅନେକ ଲୋକଙ୍କ କାରବାର । କିଏ କେଉଁ ଦେଶରୁ ଆସି ଦିନେ ଦି'ଦିନ ପାଇଁ ଜୁଟିଥିବେ । ନୂଆ ଗାଁ ନୂଆ ଲୋକ । ଅଚ୍ଛା ପରିହାସ ଲୋକଙ୍କ ସଙ୍ଗରେ ଟିକିଏ ଅଚ୍ଛା ତାମସା

ବଦୀ ପାଖରେ ଟିକିଏ ହଇତଇ । ଗୋଟିଏ ହାତ ସଙ୍ଗେ ଅଉ ଗୋଟିଏ ହାତ ଛନ୍ଦ ହୋଇଗଲା ! ବ୍ରାହ୍ମଣର ଶ୍ଳୋକ ଶୁଣି ସେହି ଦୋ ହାତଗଣ୍ଠି ଟିକିଏ ଦୃଢ ହେଲା । ଟିକିଏ ଶକ୍ତ ହେଲା । ସେ ଗଣ୍ଠି ଜନମଯାକ ଖୁଲିବାର ନୁହେଁ, କି ଫିଟିବାର ନୁହେଁ । ଯୁଗ ଯୁଗ ପାଇଁ ଗୋଟିଏ ଜୀବନ ଅଉ ଗୋଟିଏ ଜୀବନର କର୍ମ-ବନ୍ଧନ ଭିତରେ ଅଟକି ଗଲା ।

ଝିଅର ବାଡୁଅ ପାଣି ମଳା ! ବାପ ମା କନ୍ଦିଲେ ।

"ସର୍ବସହଣୀ ସୁନାନାକୀ ବୋହୂଟିଏ" ପାଖ ପଡ଼ିଶା ପ୍ରଶଂସା କଲେ ।

ଭାଗ୍ୟରେ ଥିଲେ ଏମିତି ସ୍ତ୍ରୀ ମିଳେ, ସ୍ୱାମୀ କୃତକୃତ୍ୟ ହେଲେ ।

ପ୍ରଥମେ ପରିଣୟ - ତାପରେ ପ୍ରଣୟ ! ବିବାହିତ ସ୍ତ୍ରୀ ସ୍ୱାମୀର କଣ୍ଟିତ କୋଳରେ ଅଶ୍ରୁ ନେଇ ସୃଜନର ଅଦମ ସଙ୍ଗୀତ ଗାଏ । ରକ୍ତ ଓ ମାଂସ ଭିତରେ କାମନାର ମୌସୁମୀ ଝଡ଼ ସୃଷ୍ଟି ହୁଏ । କେତେ ଅନନ୍ଦ ବିହ୍ୱଳ ରଜନି ସେ ହସ କୌତୁକର ସାଥୀ ହୁଅନ୍ତି ।

ଅଉ ତରୁଟି ବ୍ରତ ? ସଭିଏ ଜାଣନ୍ତି, କେମିତି ହୋଇଥିବ ସେହି ପୁଲକମୟ ପହିଲ ପ୍ରଣୟ ବ୍ରତ ? ସ୍ୱର୍ଗକାତର ନବ-ଯୁବତୀ କିଙ୍କ ଇଚ୍ଛାରେ ତାର ଉଚ୍ଛ୍ୱସିତ ଯୌବନଶ୍ରୀକୁ ସମର୍ପଣ କରିବ ପ୍ରଣୟୀ ସାଥୀ ପାଖରେ ! ତରୁଣୀ ଝିଅର ବିବସ୍ତ୍ର ବକ୍ଷ ଦେଖି ପୁରୁଷ ମାତାଲ ହେବ । ତାର ନିଟୋଳ ଅଙ୍ଗ, ଚଟୁଳ ଚକ୍ଷୁକର ସ୍ୱର୍ଗ ପାଇ ପ୍ରେମିକ ବିମୁଗ୍ଧ ହେବ । ମନର ସରମ ଓଢ଼ଣା ଫେଇ ହସିବ !

ତାପରେ ଛନ୍ଦହୀନ, ଅସଂଲଗ୍ନ କେଇପଦ କଥାଭାଷା !

କୁଆରୀ ଭାବନାର ଚପଳତା ! ଖାଲି ଦୁର୍ବଳତା !!

ନାରୀ ଓ ପୁରୁଷ ଉଭୟେ !

ଯୌବନର ଉଚ୍ଛଳ ବନ୍ୟାରେ, ବୟସର ମତାଣିଆ ଖିଆଲରେ ଦୁଇଟି ପ୍ରେମିକ ପ୍ରେମିକା ପ୍ରଣୟ ପ୍ରତିଯୋଗିତା ଖେଳାଳି ସାଜିଲେ । ଦେହରେ ମୁହଁରେ ସନ୍ତୋଷର ସ୍ୱାକ୍ଷର ।

କିଏ କେତେ ଦେଲା — କିଏ କେତେ ନେଲା ?

ସେ ଦିଆ ନିଆର କଣ କେବେ ହିସାବ ଥାଏ ?

ଦୁଇଟି ମନ ବୁଝନ୍ତି କିଏ କେତେ ଅଧିକ ପାଇଲା ।

ସୃଷ୍ଟି ଆଗେଇ ଚାଲେ ।

ସୃଷ୍ଟି ଅନନ୍ତ । ସୃଷ୍ଟି ଅସୀମ । ତାର ଉତ୍ପତ୍ତି ଯେମିତି ରହସ୍ୟମୟ, ବିଳୟବି ସେମିତି ଆକସ୍ମିକ ହେବ । ରକ୍ତ ମାଂସର ମଣିଷ ସେହି ଅନନ୍ତ ଓ ଅସୀମ ସୃଷ୍ଟିକୁ ଉପଭୋଗ କଲେବି ଅନୁଭବ କରି ପାରିବନି । ନିଜକୁ ଅର୍ପଣ କରି ପରକୁ ଆକର୍ଷଣ କରିବାର ଯେଉଁ ପ୍ରବୃତ୍ତି ତାହାହିଁ ପ୍ରଣୟ ! ଏ ପ୍ରେମ, ଏ ପ୍ରଣୟ - ସେହି ଅନନ୍ତ ସୃଷ୍ଟିର ଭାଷା ! ବହିଃପ୍ରକାଶ ମାତ୍ର ।

ତହିଁ ଆରଦିନ —

କଲେଜରେ ମୁଗ୍‌ଧା ଆଶାକୁ ଖୋଜୁଥାଏ, ଆଉ ଆଶା ସୁମନ୍ତକୁ ଖୋଜୁଥାଏ । ସୁମନ୍ତ ଆଡେଇ ଧାଇଁ ଚାଲିଗଲା ବେଳେ ଅଣ ତାଙ୍କର କି ନାହିଁ ଦ୍ୱନ୍ଦରେ ପଡ଼ୁଥାଏ ।

କ୍ଲାସ ପରେ ଆଶା ଉହ ରହ ହୋଇ ସୁମନ୍ତକୁ ଡାକିଲା ।

କଣ କହୁଥିଲେ - ସୁମନ୍ତର ନିର୍ଲିପ୍ତ ଉତ୍ତର ।

ସୀତାର ବାହାଘର ......

ମୁଁ ଜାଣେ - କଥା ଛଡ଼ାଇ ସୁମନ୍ତ କହିଲା ।

'ମୁଁ ବି ଜାଣେ ଯେ !' ଆଶା ଉତ୍ତର ଦେଲା ।

କଣ ଜାଣିଛନ୍ତି ? ସୁମନ୍ତର ପ୍ରଶ୍ନରେ ଆଗ୍ରହର ସ୍ୱାକ୍ଷର ।

ନିଶ୍ଚୟ ! ମୁଗ୍‌ଧା ବି ଯିବ ଯେ ......

ସାଥୀ ପାଇଛନ୍ତି ତାହାହେଲେ ......

ଆପଣ ସାଥୀ ହେବେନି ? ଅଣା ପଚାରିଲା ।

'ସବୁ ଦରକାର କରନ୍ତି' । ସୁମନ୍ତ ମୁହଁରେ ହସ ଦେଖି ଅଣାର ଆଗ୍ରହୀ ମନରେ କାମନାର ଜୁଆର ଉଠିଲା । ସୁମନ୍ତ ହସିଲେ କେତେ ସୁନ୍ଦର ଦିଶେ ସତରେ !

ଅନେକ ଦିନ ତଳେ ବର୍ଷା ମୁଖର ସଂଝରେ ସେ ଥରେ ଏକାନ୍ତରେ ହସୁଥିଲା । ସେ ହସର ସମସ୍ତ ଲାଳିତ୍ୟକୁ ଅଣା ମନ ପୂରାଇ ଉପଭୋଗ କରିଥିଲା ।

ସେ ହସ, ଚନ୍ଦ୍ରର ପୂନେଇ ହସଠାରୁ ଆହୁରି ଉଜ୍ୱଳ !

ସେ ହସ, ଗର୍ଭିଣୀ ଧାନ କିଆରୀର ବେଛନ୍ଦ ହସଠାରୁ ଅଦ୍ଭୁତ ସରସ !

ଅଶାନ୍ୱିତା ଅଣା ମୁହଁରେ ବିଜୁଳୀର ଝଲକ ! ଆଖି ଦୁଇଟି ଟିକି ତାରା ଭଳି ମିଞ୍ଜିମିଞ୍ଜି ହୋଇ ହସୁଛି । ହସିଲା ମୁହଁରୁ ପହଁର ଅସୁଛି ସୁସ୍ଥ ଭାଓଲିନ୍‌ର ମିଠା ଝଙ୍କାର ! ଏଥର ସେ ମୁହଁ ଖୋଲିଲା ! ଗୀତିକ୍ ଢ଼ୋଲାରେ ଅପାଙ୍ଗ ହାଣୁହାଣୁ କହିଲା, 'ସାହିତ୍ୟିକ ସୁମନ୍ତ ଯଦି ସାଥୀ ହୁଅନ୍ତି ଏ ଯାତ୍ରା କେଡ଼େ ମଧୁର, କେତେ ସୁନ୍ଦର ହେବ ସତରେ' !

ସୁମନ୍ତ ତାର ଜୀବନର ସୁଦୀର୍ଘ ପଚିଶି ବର୍ଷ ଭିତରେ ଗୋଟିଏ ସୁନ୍ଦରୀ ତରୁଣୀର ଏଇଭଳି ବିମୁଗ୍ଧ ଗୁହାରୀ ଦେଖିବାର ଏଇ ନୂଆ ! ବନ୍ଧୁ ମହଲର ଆକ୍ଷେପ ମିଶା ବ୍ୟଙ୍ଗୋକ୍ତି ଶୁଣି ସେ ଅଣା ଠାରୁ ଆଡେଇ ଯାଇଥିଲା ମଝିରେ । ଅଣା ମଧ୍ୟ ଦୂରେଇ ରହୁଥିଲା । କିନ୍ତୁ ଏ ଦୂରତ୍ୱ କମେ ପରସ୍ପରର ମନ ଭିତରେ ଆକର୍ଷଣର ବୀଜ ବପନ କଲା — ମୋହଯୁକ୍ତ ଅଦେଖା ବନ୍ଧନରେ ଦୁଇଟି ତରୁଣ କପୋତ କପୋତୀ ବାନ୍ଧି ହୋଇ ପଡ଼ିଲେ । ସେ ଆଗ୍ରହ, ସେ ଆକର୍ଷଣ

ପ୍ରସ୍ଫୁଟିତ ହେବାକୁ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟ ବା କାରଣ ଖୋଜୁଥିଲା । ହେଉ ପଛେ ସେ ସାଧାରଣ, ଅତି ସାମାନ୍ୟ !

ଅନେକ ଦିନ ପରେ ଆଶା ସୁଯୋଗ ପାଇଲା ।

ଗୋଟିଏ ସୁନ୍ଦର ତରୁଣୀକୁ, ସହଯାତ୍ରୀ ସୌମ୍ୟ - ଦର୍ଶନ ତରୁଣଟିଏ ଅଡ଼େଇ ଦେଲେ ତରୁଣୀ ମନରେ ଆଗ୍ରହ ବଢ଼େ । କିନ୍ତୁ ପାଖେଇ ଆସିଲେ ? ରୂପ କଥାର ଅଲିଅଳ ରାଜଜେମା ଭଳି ଦୂରେଇ ଯାଏ ! କିନ୍ତୁ ଏଇ ଦୂରେଇ ଦେବା ଶେଷ କଥା ନୁହେ - ବରଂ ଆଉ ଗୋଟିଏ ସରଚ୍ଛନ୍ଦର ନୂଆ ମୁଖବନ୍ଧ ! ଆଡ଼ୁଆଳରୁ ସେ କଣେଇ କଣେଇ ଚାହେଁ । ମନରେ ଉଦ୍‌ବେଗ ବାଢେ, ଉତ୍କଣ୍ଠା ହୁଏ ! ପୁରୁଷ ମନର ସମସ୍ତ ଦୁର୍ବଳତାକୁ ସେ ପ୍ରାଣେ ପ୍ରାଣେ ଉପଭୋଗ କରେ, ଖୁସି ହୁଏ ! କିନ୍ତୁ ମୁହଁ ଉପରେ କହେ, ପୁରୁଷ ଜାତଟା ଇମିତି ନାଁ ? ଛିଃ !

"ସୀତାର ଭାବି ସ୍ୱାମୀ କୁଆଡ଼େ ଆପଣଙ୍କର ଅନ୍ତରଙ୍ଗ ବନ୍ଧୁ ! ଆଉ ଆପଣ ଆମକୁ ଆଗୁଆ କହୁ ନାହାନ୍ତି । ଏଡ଼ିକି ସ୍ୱାର୍ଥପର ।" ଆଶା ଅଭିମାନରେ ଫାଟି ପଡ଼ୁଛି ଯେମିତି ।

"ସୀତା ତ ଆପଣଙ୍କର ବନ୍ଧୁ ! ବରଂ ଆପଣ ଆଗୁଆ ଖବର ପାଇଲେ । ଆଉ ମୁଁ ଏଇମାତ୍ର ଜାଣିଲି ।" ସୁମନ୍ତ ପକେଟ୍ ଭିତରୁ ଲାଲିଆ ରଙ୍ଗର ନିମନ୍ତ୍ରଣ ପତ୍ରଟି ବାହାର କଲା ।

"ସୀତାର ସ୍ୱାମୀ କଣ କରନ୍ତି ? ଚାକିରି ?"

"ସେ କିଛି କରନ୍ତି ନାହିଁ । ଜମିଦାରୀର ଚାକରମାନଙ୍କର ତଦାରଖ ନିଅନ୍ତି । କେବେ ମନ ହେଲେ ଶିକାର କରନ୍ତି ।"

ସୀତା ଶେଷକୁ ଜମିଦାର ଘରର ଘରଣୀ ହେଲା ! କେତେ ସୌଭାଗ୍ୟ ତାର ସତରେ ! କେମିତି ହୋଇଥିବେ ଯୁବକ ଜମିଦାର ? ଜମିଦାରୀର ଅମାପ ଅର୍ଥ ତାଙ୍କୁ ଯଥେଷ୍ଟ ଆରାମ ଦେଉଥିବ ! ଲାଲ

ଝିହିଝିହି ରକ୍ତରେ ଫାଟି ପଡୁଥିବ ଦେହ ! ଅବୟବରେ ସୁସ୍ଥ ସ୍ୱାସ୍ଥ୍ୟର ଅପୂର୍ବ ବିକାଶ ହୋଇଥିବ ।

"କେବେ ଯିବା ?"

"ରବିବାର ଗଲେ ଚଳିବ ?" ସୁମନ୍ତ ପ୍ରଶ୍ନ କଲା ।

ରବିବାରର ମାଟିନୀଟା ମାଟି ହେବ ! ତାପରେ ତାର ଅନୁପସ୍ଥିତିରେ ଟି ପାର୍ଟିଟା ସେମିତି ରହିଯିବ ! କଣ ଭାବିବେ ସାଙ୍ଗମାନେ ? ହୁଏତ ଅଡାଜ କରିବେ, ସୁମନ୍ତର ସଙ୍ଗ ପାଇ ଆପଣାର ସାଙ୍ଗ ସାଥୀଙ୍କୁ ଭୁଲିଗଲା । ତେବେ ଗୀତା କଣ ତାର ଅନ୍ତରଙ୍ଗ ବନ୍ଧୁ ନୁହେ ? ଏଭଳି ନିମନ୍ତ୍ରଣ, ଏତେ ନିରୋଳା ସାଙ୍ଗ ସୁଖତ' ଆଉ ମିଳିବ ନାହିଁ । ସୁଯୋଗ ଯେତେବେଳେ ଆସିଛି ......

ଶ୍ରୀକାନ୍ତ ନାକ ଫୁଲାଇ, ଆଖି କଟେଇ କଟେଇ ସେ ବାଟେ ଚାଲିଗଲା ! ସେ ଯେଉଁ ତରଙ୍ଗ ତରଙ୍ଗ ଢଙ୍ଗ !

ହୁଏତ ବଡ଼ ବଜାରରେ କାଲି ପ୍ରଚାର କରି ବୁଲିବ, ସୁମନ୍ତ ଆଉ ଆଶା ପୁଣି ଥରେ ମିଶିଛନ୍ତି । କୋହଲ ପରିଚୟ ଆଉଥରେ ସମର୍ଥନ ପାଇ ଦୃଢ ହୋଇଛି ! ଉଃ, କି ଜଘନ୍ୟ ମନୋବୃତ୍ତି ଲୋକଟାର !

ଫାଷ୍ଟଇଅର୍‌ର କ୍ଲାସ୍‌ମେଟ୍ ଏହି ଶ୍ରୀକାନ୍ତ ! ପ୍ରଥମେ ପ୍ରଥମେ ଆଶାକୁ ଅସୁଥିଲା । ମୁହଁ ଉପରେ ପ୍ରଶଂସାକରି ସହାନୁଭୂତି ଦାବୀ କରୁଥିଲା — ଆଶା ମଧ୍ୟ ଆକର୍ଷିତ ହୋଇଥିଲା କିଛିଦିନ ପାଇଁ । ସାଙ୍ଗ ହୋଇ ସାଂଧ୍ୟ ଭ୍ରମଣ ଠାରୁ ସିନେମା ଦେଖା ପର୍ଯ୍ୟନ୍ତ ସବୁଠି । ଅଜସ୍ର ପଇସା ଖର୍ଚ୍ଚ କରେ । ଅନେକ କଥା କହେ — ଦରକାରୀ ଅଦରକାରୀ କିଛି ବୁଝେ ନାହିଁ ।

ମୁଗ୍ଧା ସେତିକି ବେଳେ ଆଶାକୁ ଖୋଜୁଥିଲା । ସୁମନ୍ତ ଓ ଆଶା ନୀରବରେ ଛିଡା ହୋଇଥିବା ଦେଖି ଚାଲା ବାଟରେ ଅଟକିଗଲା ।

ଭାବୁଥିଲା, ଏଇ ଅଶା, ସେଦିନ ସୁମନ୍ତ ବିରୁଦ୍ଧରେ କେତେ କଥା କହୁଥିଲା। କିନ୍ତୁ ଆଜି ସୁବିଧା ପାଇ ନୀରବ ଆଲୋଚନାରେ ପ୍ରମତ୍ତ ଅଛି। ଏଇତ ତାର ମନ କଣା ମୁହଁ!

ସୁମନ୍ତ ମୁଗ୍‌ଧାକୁ ଦେଖି ହସିଲା। କହିଲା, 'ପାଖକୁ ଆସୁନ!'

ଅରେ ମୁଗ୍‌ଧା ସେ - ଆଲୋଚନା ଗୋପନ ନୁହେଁ ମ! ସେଇ ନିମନ୍ତ୍ରଣ କଥା ପଡ଼ିଥିଲା! ପାଖକୁ ନ ଆସି ସଂକୋଚ କରୁଛ ଯେ ...... ଅଶା ସରଳ ପରିହାସ କଲା।

ମୁଗ୍‌ଧା ହସି ଦେଲା। ସେ ହସ ଆନନ୍ଦର କି ଆକ୍ଷେପର କିଛି ହେଲେ ବୁଝାପଡ଼ିଲା ନାହିଁ। ତରୁଣୀ ଟିକିଏ ଚାହିଁ ଦେଇ, କି' ହସି ଦେଇ କେତେ କଣ ଯେ କହିଦିଏ ତାହା ସବୁ ସମୟରେ ସମସ୍ତଙ୍କର ବୋଧଗମ୍ୟ ହୁଏ ନାହିଁ।

"ତୁ ଯାଉଛୁତ ମୁଗ୍‌ଧା ? ରବିବାର ଦିନଟି ନିର୍ଦ୍ଦିଷ୍ଟ ହେଲା ଟ୍ରେନ୍‌ରେ ଯିବା, ଷ୍ଟେସନରୁ ଅଳ୍ପ ଖଣ୍ଡେ ବାଟତ। ଚାଲିଗଲେ ଅଧଘଣ୍ଟା। କଣ କହୁଛୁ ?" ଏଇ 'କଣ କହୁଛୁ'ରେ ଶ୍ଳେଷ ଥିଲା ଅଶା ଜାଣିଶୁଣି ଏ ଶବ୍ଦ ଦୁଇଟିକୁ ବ୍ୟବହାର କରିଛି। ତାକୁ ବିଶ୍ଳେଷଣ କଲେ ଜଣା ପଡ଼ିବ, ଅଶା ଏତିକି ବାଧ୍ୟ ବାଧକତାରେ ପଚ୍ଚର ଦେଇଛି! ମୁଗ୍‌ଧା ନ ଗଲେ ବରଂ ଭଲ ହୁଅନ୍ତା। ସୁମନ୍ତ ସଙ୍ଗରେ ଏ ସରସ ଯାତ୍ରା ବେଶ୍ ଜମି ଉଠନ୍ତା!

ମୁଗ୍‌ଧା କହିଲା, ହୋଷ୍ଟେଲ୍ ସୁପରିନ୍‌ଟେଣ୍ଡେଣ୍ଟଙ୍କର (Permission) ପାରମିଶନ୍ ଦରକାର ପଡ଼ିବ।

ଅରେ ସତେତ, ବାପାଙ୍କୁ ମୁ ବି' କିଛି କହିନାହିଁ। ତାଙ୍କୁ ରାଜି କରାଇବାକୁ ପଡ଼ିବ ଯେ -- ଅଶା ସୁମନ୍ତ ଆଖିକୁ ଚାହିଁ ଅପାଙ୍ଗ ହାଣିଲା!

ସୁମନ୍ତ ଉଭୟଟିର ଦାୟିତ୍ୱ ଆଗ୍ରହରେ ଗ୍ରହଣ କଲା।

ଏତେ ଚଞ୍ଚଳ ହୃଦୟ ନେବ କି ନାହିଁ ଦୋ'ଦୋ'ପାଞ୍ଚ ହୋଇ ସୁମନ୍ତ ଶେଷରେ ହାତ ଟେକିଲା । ସେ ବାଟ ଭାଙ୍ଗି ଗ୍ଭଲିଗଲା ବେଳେ ଆଶା ଅସ୍ପଷ୍ଟ ଧ୍ୱନି କରି ରାସ୍ତା ଉପରେ ଅଟକି ଗଲା !

କଣ ହେଲାକିଲେ ? ମୁଗ୍‌ଧାର କଣ୍ଠରେ ଉତ୍କଣ୍ଠା ଥିଲା ।

ଗୋଟାଏ ତଳ ପାଦକୁ ଫୋଡ଼ ଦେଲା ଯେ ......

କାହିଁ ଦେଖି ? ମୁଗ୍‌ଧା ତଳପାକୁ ଗ୍ଭହିଁଲା ।

ଆଶା କଣେଇ କରି ସୁମନ୍ତକୁ ଅନେଇ ଥାଏ । ସୁମନ୍ତ ଓ ଆଶାର ଆଖି ଏକତ୍ରିତ ହେଲା । ଦୁହେଁ ହସୁଥିଲେ ।

କିଲୋ କିଛିତ ନାହିଁ ! ମୁଁ ସେଇଥିପା ଭାବୁଥିଲି । ଚପଲ ଉପରକୁ ଗୋଡ ଗଲା କେମିତି ? ତାପରେ ଆଶାର ହସନ୍ତ ମୁହଁକୁ ଗ୍ଭହିଁ କହିଲା, ସୁମନ୍ତ ନ ଥିଲେ କଣ ଏ ଗୋଡ ଫୁଟିଥାନ୍ତା ? ଦୁଷ୍ମନ୍ତ ନଥିଲେ କଣ ଶକୁନ୍ତଳା ମନରେ କଣ୍ଟାର ଖିଆଲ ହୋଇଥାନ୍ତା ?? ଡାକିବି ସୁମନ୍ତ ବାବୁଙ୍କୁ, ଗୋଡ଼ କାଢି ଦେବେ ? ମୁଗ୍‌ଧା ଆକ୍ରମଣ କଲା ।

କଲ୍ୟାଣୀଲୋ ଶକୁନ୍ତଳା ଆଉ କଲେଜ ଛାତ୍ରୀ ଆଶା । ତା ଛଡା ମୋର ଅନୁମାନ ସୁମନ୍ତ ବାବୁ ଦୁଷ୍ମନ୍ତର ହୃଦୟ ନେଇ ଆଗେଇ ଆସିବେ ନାହିଁ ! ବରଂ ତୁ ଯଦି ଗ୍ଭହୁଁ ତାର ବ୍ୟବସ୍ଥା କରିଦେବି । ଆଶା ମୁଗ୍‌ଧାର ଆକ୍ରମଣରୁ ନିଜକୁ ବଞ୍ଚାଇରଖି ପ୍ରତି ଆକ୍ରମଣ କଲା !

"ଗ୍ଭହିଁଲେ କଣି ସବୁ ଜିନିଷ ମିଳେ ? ତା ପାଇଁତ ନିଷ୍ଠା ଦରକାର, ଚେଷ୍ଟା ଦରକାର !"

"ତରୁଣୀର ଗୋଟିଏ ନିଷ୍ଠା କଣ ? ତାର ମନ ହେଲେ ହେଲା । ଆତ୍ମମର୍ଯ୍ୟାଦାକୁ ଭୁଲିଯାଇ, ସମାଜର ଶୃଙ୍ଖଳିତ ନିୟମ ଭାଙ୍ଗି ଦୁଇ ପାଦ ଆଗେଇ ଯାଇ ପାରିଲେ ସବୁ ପୁରୁଷଙ୍କର ଦୃଷ୍ଟି ପଡ଼େ ।

ଆଖିରେ ପ୍ରଲୋଭନର ତରଙ୍ଗ ଥିଲେ ପୁରୁଷ ଜାତି ଦାସ ହୁଏ ! ଭେଳିକିରେ ଭୁଲିଯାଇ ଯାଲରେ ପଡ଼େ । ଥରେ ଯାଲରେ ପଡ଼ିଲେ ରକ୍ଷା ନାହିଁ । 'ତାପରେ ଅପର ଆଖିରେ ଧୂଳି ଦେଇ ନିଜର ମଣିଷକୁ ପାଖେଇ ଅଣ । ସଂସାର ନ ଜାଣୁ, କିନ୍ତୁ ଦୁଇଟି ମନ, ଦୁଇଟି ହୃଦୟ ଜାଣନ୍ତୁ ଦୁହେଁ ପରସ୍ପର ପ୍ରତି ଆକୃଷ୍ଟ । ବେଶ୍ କାମ ସରିଲା !"

"ଇଏ କଣ ଅନୁଭବର କଥା କହୁଛୁ ଅଣା ?"

"ଅନୁଭବ ନୁହେଁତ, ଆଉ କଣ ଉପନ୍ୟାସର କଥା ହେବଲ୍ ? ପରୀକ୍ଷା କର୍ ! ସୁମନ୍ତ ଉପରେ ପ୍ରଥମ ପରୀକ୍ଷା ହଉ ।"

"ମୁଁ ପରୀକ୍ଷା କରି ପର ଅଖିରେ ଧୂଳି ଦେଇ ପାରିବି ନାହିଁ ଅଣା ! ବରଂ ନିଃସଙ୍ଗ ଜୀବନ ସୁଖକର ! ପରକୁ ଜଳାଇ ଲାଭ କଣ ? ସମାଜକୁ ସିନା ଠକହେବ-ନିଜ ମନକୁ ? ନିଜେତ ଜାଣିବ ଯେ ଭୁଲ କରୁଛ । ଅନୁତାପ ଆସିବ - ଆଉ ସେ ଅନୁତାପରେ ଅସ୍ମାଟି ଯାହା ଦଗ୍ଧୀଭୂତ ହେବ । ମୋ ମତରେ ପ୍ରେମଭଳି ପବିତ୍ରତମ ଜିନିଷରେ ପ୍ରତାରଣା ମିଶାଇବା ପାପ ।"

"ଜୀବନ ଦର୍ଶନର ଅର୍ଥହୀନ କଥା ଭାବୁଛୁ ? ନିଶ୍ଚିତ ସତ୍ୟ ଉପରେ ଯାହା ପ୍ରତିଷ୍ଠିତ ତାକୁହିଁ ଗ୍ରହଣ କର । ଆଜିର ଦୁନିଆରେ କଣ କାହାର ହୃଦୟ ଅଛି ? ବସ୍ତୁବାଦ ଓ ଆଦର୍ଶବାଦର ସଂଘର୍ଷରେ ବସ୍ତୁବାଦର ହିଁ ଜୟ ହୋଇଛି । ଏ ସ୍ପୁଟ୍‌ନିକ ଯୁଗ କହେ - ଜୀବନ ଯେମିତି ଅଛି ସେମିତି ବହିଯାଉ ! ତାକୁ ଆଦର୍ଶରେ ମିଶାଇ ବାଧା ଦେବା ନିରର୍ଥକ । ତେଣୁ ମୁଁ ଜୀବନକୁ ହାଲୁକା ଭାବରେ ଗ୍ରହଣ କରି ନେଇଛି । ଅଉ ଜୀବନର ଏ ଫୁଟନ୍ତା ଯୌବନ ! ସେଇ ମନ ଓ ଜୀବନର ଗୋଟିଏ ବିଭାଗ ! ଖୋଲା ପବନରେ ଟିକିଏ ବୁଲି ଆସୁ - ଲୁଚିକି ଘୋଡ଼ାଇ ଲାଭ ନାହିଁ । ଟିକିଏ ସ୍ପର୍ଶ, ଟିକିଏ ଉପଭୋଗ, ଏହାହିଁ ତ ଜୀବନ ! ମନ କଣ ଏଥିରୁ ବାହାର !"

"ସୁମନ୍ତକୁ କେମିତି ଭାବରେ ଗ୍ରହଣ କରୁ ଆଶା ?" ମୁଗ୍ଧା ହଠାତ୍ ପଚାରିଲା, ଆଲୋଚନାକୁ ଅଡେଇ ଦେବା ଉଦ୍ଦେଶ୍ୟ ତାର ।

"ଏଇ କଲେଜ ସାଥୀ ଭାବରେ ! କଲେଜର ଚହ୍ଲା ଲୋକ-ଟିଏ । ଦ'ଗୁର ବର୍ଷ ପ୍ରତିଦିନ ଦେଖା ସାକ୍ଷାତ ହେବ ଯେତେବେଳେ, ଟିକିଏ ପରିଚୟ ଦରକାର, ବନ୍ଧୁତା ଦରକାର ! ହସିଲେ, ଖେଳିଲେ ମଉଜ କଲେ । ତାପରେ ହଠାତ୍ ଦିନେ କାମ ସରିଲେ କଲେଜ ଛଡ଼ାଛଡ଼ି । ବନ୍ଧୁତାରେ ବି' ସେଦିନ ପୂର୍ଣ୍ଣଚ୍ଛେଦ ପଡ଼ିବ । ଜୀବନ ଯାତ୍ରାର ସୁଦୀର୍ଘ ପଥରେ ହୁଏତ ଅକସ୍ମାତ୍ କେତେବେଳେ ଦେଖା ହେବ । ବନ୍ଧୁତା ଥିଲେ ମୁହଁରେ ଟିକିଏ ହସ ଫୁଟିବ — ନହେଲେ ବାଟ କାଟି ଚାଲିଯିବା କଥା !"

"ଖାଲି କଣ ସେତିକି ?" ମୁଗ୍ଧାର କଣ୍ଠରେ ବିସ୍ମୟ ଥିଲା ।

"ଆଉ କଣ ଅଧିକ ? ଦୀର୍ଘ ଜୀବନର ସଂକ୍ଷିପ୍ତ ପରିଚୟ ଭିତରେ ତାହାଠୁ ମୁଁ ଅଧିକ କିଛି ଆଶା କରୁ ନାହିଁ । ତୋର ମତ କଣ କହିଲୁ ?"

"ମୋର ମତ ଚାହୁଁଛୁ ? ସେ କଣ ତୋର ପସନ୍ଦ ହେବ ?? ମୁଁ ଚାହେଁ ବିବେକ ମନକୁ ନିୟନ୍ତ୍ରିତ କରୁ । ଜୀବନର ବିକ୍ଷିପ୍ତ ଗତି ପଥ ଶୃଙ୍ଖଳିତ ହେଉ । ଆଉ ଯୌବନ ? ତାକୁ ଲଗାମ ଦରକାର, ନିର୍ଦ୍ଦେଶ ଦରକାର । ଥରେ ବଣା ହେଲେ ସେ ସବୁଦିନ ପାଇଁ ପଥ ହରାଏ । ତେଣିକି ଅନୁତାପ ହିଁ ପ୍ରାପ୍ତି । ବରଂ ସାବଧାନ ହୋଇ ଜୀବନ ନୌକାର ବଳିଷ୍ଠ ଅହୁଲକୁ ସଂଯତ କରିବା ଦରକାର । ଅତି ଛୋଟ ଆମର ଏ ଜୀବନ । ତାର ଭିତରେ ଯୌବନର ପରିଚୟ ଅତ୍ୟନ୍ତ ସଂକ୍ଷିପ୍ତ ! କଳ୍ପନାରେ ଭାସି ନଯାଇ ନିଶ୍ଚିତ ପନ୍ଥା ବାଛି ନେବା ଉଚିତ !"

କୁମାରୀ ଆଶା ନୀରବ ରହିଲା । ସେ ଭାବୁଥିଲା, ମୁଗ୍‌ଧାର ମନ କେତେ ଛୋଟ ! କେତେ ସୀମାବଦ୍ଧ ! ଚୈତ୍ରର ଦୁଷ୍ଟ ମଳୟକୁ ସେ ସ୍ୱୀକାର କରେ ନାହିଁ କି ଆଷାଢର ମୁଗ୍‌ଧ ମୌସୁମୀକୁ ସ୍ୱାଗତ କରେ ନାହିଁ । କଣ କରିବ ସେ ଜୀବନରେ ? ତାରି ଯୌବନର ବାଁକ ମହତ୍ତ୍ୱ ଅଛି ଯଦ୍ଦ୍ୱାରା ଏ ଦୁନିଆଁ ବୁଝିବ, ମୁଗ୍‌ଧା ବୋଲି ତରୁଣୀଟିଏ ଅଛି କି ଥିଲା !!!

ସହରର ମଝିରେ ନଭସ୍ତୁମ୍ବୀ ପୁରୁଣା ପ୍ରାସାଦଟିଏ । ପ୍ରତିଷ୍ଠିତ ମାଲିକର ଉନ୍ନତ ଅଭିଜାତ୍ୟକୁ ଜାହିର ରଖି ମଥା ଟେକି ଆକାଶକୁ ଅନାଇଛି । ଦୁନିଆର ଶସ୍ୱରତ ଅସାମଞ୍ଜସ୍ୟ ପରମ୍ପରା ବହିଥିଲା ଯାଏ ବୈଶାଖର ରୌଦ୍ର, ଧାରା ଶ୍ରାବଣର ମୁଷଳ ଧାରା ବା ମାଘର ହାଡ଼ ଫଟା ଶୀତ ତାର ସ୍ଥିତ ମସ୍ତକକୁ ସଂକୁଚିତ କରି ପାରିବ ନାହିଁ ।

ବିଖ୍ୟାତ ମିଲ୍ ମାଲିକ ଦିଗମ୍ବର ବାବୁ ଗୋଲ୍ ଟେବୁଲ ଉପରେ ବସି ଖବର କାଗଜରେ ମନୋନିବେଶ କରିଥିଲେ । ରେଡିଓଟି ବେତାଳିଆ ଭାବେ ବାଜି ଚାଲିଛି ! ମୁଣ୍ଡ ଉପରର ଫରେନ୍ ଫେନ୍‌ଟି ଶିକାରି ଗାଡ଼ି ଭଳି ନିଶବ୍ଦରେ ଘୂରି ଚାଲିଛି ।

ଦିଗମ୍ବରବାବୁଙ୍କ ଅଲିଅଳ ଝିଅ ଆଶା, ଅସନ୍ଧ୍ୟାକାଳର ରଶ୍ମିଫଳ ଦେଖୁଦେଖୁ ଗବାକ୍ଷ ମଧ୍ୟ ଦେଇ ରାଜମାର୍ଗକୁ ଚାହିଁଥିଲା । ପ୍ରଶାନ୍ତ ଅନ୍ତରୀକ୍ଷରେ ଗାଢ ନୀଳମାର ଗାଲିଚା ! କୁଣ୍ଡଳୀ ଶଙ୍କରର ଛବି ଭଳି ତାର କୋଳରେ ଭସା ବାଦଲର କାଲ୍ପନିକ ଛବି !

ରାଜମାର୍ଗ ଲୋକାରଣ୍ୟ ! ଲୋକଙ୍କ ମୁହଁରେ ଅବୋଧ ଗଦ୍ୟ କବିତାର ଭାଷା ! ଏ ସହର, ସୋସାଇଟି ଓ ଆସୋସିଏସନର । ସହଯୋଗୀ ସଭ୍ୟମାନେ ସିନେମା ଓ ଥିଏଟରର ଉପାସକ । ଏଇଠି ବେଳେ ବେଳେ ବଗ୍‌ଟ ପାର୍ଟିର ଆୟୋଜନ ହୁଏ ! ନାମଜାଦା, ଗଣ୍ୟମାନ୍ୟ ବ୍ୟକ୍ତିମାନେ ସେ ପାର୍ଟିର ପୃଷ୍ଠପୋଷକ – ଯେଉଁମାନେ ଦୁଃଖ ଓ ଦାରିଦ୍ର୍ୟର ତଟ ସ୍ପର୍ଶ କରି ନାହାନ୍ତି ! ଜୀବନର ପ୍ରତିଟି ମୁହୂର୍ତ୍ତିକୁ ସମ୍ଭୋଗ ଓ ସୌଖୀନ ବିଳାସ ଭିତରେ କଟେଇ ଦେଇଛନ୍ତି । ଲକ୍ଷ ଝଡର ବଗ୍‌ଟ ବାସ୍ତବବାଦକୁ ସେମାନେ ସମ୍ମାନ ଦଅନ୍ତି । ଜୀବନ ତାଙ୍କ ଆଗରେ ଗୋଟିଏ ଜୁଆଖେଳ ! କିଛି ରୋମାନ୍‌ସ୍, କେତେଟା ଆଡ୍‌ଭେନ୍‌ଚର୍ ସେ ଜୀବନର ସରସ ସାଥୀ ।

ହଠାତ୍ ବିଜୁଳି ଲାଇନ ଫେଲ୍ ମାରିଲା । ରେଡ଼ିଓ ଓ ଫେନ୍ ନୀରବ ରହିଲେ । ସେଥିପ୍ରତି କାହାର ନଜର ନାହିଁ ।

ଆଜ୍ଞା ଆସିପାରେ କି ? ସୁମନ୍ତ ଦରଜା ମୁହଁରୁ ଅନୁମତି ମାଗିଲା ।

ଅରେ ସୁମନ୍ତ ବାବୁ ଯେ – ଆସନ୍ତୁ ନାହାନ୍ତି ଭିତରକୁ ! ଆଶା ଆନନ୍ଦର ଆତିଶଯ୍ୟରେ ଅଧୀର ହୋଇ ପଡୁଥିଲା । ପରିଚୟ ପାଇଁ କହିଲା, ବାପା ! ଏଇ ମୋର କ୍ଲାସ୍‌ମେଟ୍, ସୁସାହିତ୍ୟିକ ସୁମନ୍ତବାବୁ ।

ତାପରେ ପ୍ରଥମ ପରିଚୟର ନମସ୍କାର ବିନିମୟ ।

ମା ଙ୍କୁ କଥା ଟିକିଏ ବୁଝିଲି – ଦିଗମ୍ବର ବାବୁ ଆଶାଙ୍କୁ ଆଦେଶ ଦେଲେ । ଆଶା ସେ ଆଦେଶକୁ ଆନନ୍ଦରେ ଗ୍ରହଣ କଲା ।

"ଆପଣ ଖୁବ୍ କମ ବୟସରୁ ସାହିତ୍ୟରେ ହାତ ଦେଇଛନ୍ତି । ସାଧନା ଭଲେ ଚମତ୍କାର ନାଁ କରିବେ । ତାପରେ ଚରିତ୍ର ଚିତ୍ରଣ ବେଶ୍ ବାସ୍ତବ କରିପାରୁଛନ୍ତି । ଆପଣଙ୍କର 'ତରୁଣୀର ମନ' ଗଳ୍ପଟି କାଲି ପଢୁଥିଲି । ମନେହେଲା ପୁରୁଖା ଲେଖକର ପୋଖତ ହାତର କାମ ବୋଲି । ବେଶ୍ ଖୁସି ଲାଗିଲା ।

ଆପଣଙ୍କୁ ଭଲ ଲାଗିଛି ସାର୍ ? ସୁମନ୍ତ ଅଟକି ଅଟକି ପଚାରିଲା

କାହାକୁ ଭଲ ଲାଗିବ ନାହିଁ ଯେ ? ଆଧୁନିକ ସଭ୍ୟତାର ନଙ୍ଗଳା ରୁଚି ନେଇ ଯେଉଁମାନେ ସ୍କୁଲ କଲେଜରୁ ଓହ୍ଲାଇ ଆସୁଛନ୍ତି, ସେମାନେ ଭାବୁଛନ୍ତି ଅନେକ ଆଗେଇ ଗଲେ । ସମାଜକୁ ନିର୍ଦ୍ଦେଶ ଦେବାର ଯୋଗ୍ୟତା ହାସଲ କଲେ । ସେମାନଙ୍କର ଗର୍ବରେ ପାଦ ତଳେ ପଡ଼ୁନାହିଁ — କିନ୍ତୁ ବୁଝିପାରନ୍ତି ନାହିଁ ଯେ ନକଲି ଶିକ୍ଷାରୁ ଋଣ ନେଇ ସମାଜର ଶାଶ୍ୱତ ପରମ୍ପରାକୁ ଲୁଣ୍ଠନ କଲେ, ଅଥର୍ବ କଲେ ବୋଲି । ଗଳ୍ପଟି ବେଶ୍ ସମୟୋପଯୋଗୀ ହୋଇଛି । ଭାଷାରେ ମଧ୍ୟ ଜୋର ଅଛି — ତଥାପି ତୁମେ ଏ ଗଳ୍ପର ସାର୍ଥକତା ନେଇ ସନ୍ଦେହୀ କାହିଁକି ?

କେତେକ କହୁଛନ୍ତି ମୁଁ ଏମିତି ଗୋଟିଏ ପ୍ଲଟ୍ ନେଇ କାହିଁକି ଲେଖିଲି ? ସମାଜର ଗୋଟିଏ ନାଁ କରା ସମ୍ପ୍ରଦାୟକୁ ପଦାରେ ପକାଇବାର ଚେଷ୍ଟା କଲି କାହିଁକି ? ସେମାନଙ୍କ ମତରେ, ମୋର ସାହିତ୍ୟିକ ଜୀବନର କଳଙ୍କ ହେବ ଏହି 'ତରୁଣୀର ମନ' ! କିନ୍ତୁ ମୁଁ ଚାହୁଁଛି, ସମାଜର ଭବିଷ୍ୟତ କର୍ଣ୍ଣଧାର ସୁସ୍ଥ ହୁଅନ୍ତୁ, ସବଳ ହୁଅନ୍ତୁ । ତାଙ୍କୁ ସତର୍କ କରିଦେବା ପ୍ରତ୍ୟେକ ସାହିତ୍ୟିକର କର୍ତ୍ତବ୍ୟ ।

ମୁଁ ତହିଁରେ ଏକମତ ସୁମନ୍ତ । ଲେଖକର ଦୁର୍ନାମ ଭୟରେ ସୁନାମବି' ରହିଛି । ନିର୍ବିକାର ନୀଳକଣ୍ଠ ପରି ବିଷ ଓ ଅମୃତ ଉଭୟକୁ ଗ୍ରହଣ କରିବା ବାଞ୍ଛନୀୟ । ଲେଖନୀ ତୁମର ବଳିଷ୍ଠ ହେଉ ।

ତାପରେ ଟିକିଏ ନୀରବ ହୋଇ କହିଲେ, "କିଛି ଭାବିବ ନାହିଁ ସୁମନ୍ତ ! ତୁମକୁ ଗୋଟିଏ କଥା ପଚାରିବାର ଅଛି ।"

"ପଚାରନ୍ତୁ !" ସୁମନ୍ତ ତାର ସ୍ୱାଭାବିକ ହସକୁ ଅଧର କୋଣରେ ରଖି ଉତ୍ତର ଦେଲା ।

ଦିଗମ୍ବର ବାବୁ ପଚାରିବେ କି ନାହିଁ ମୀମାଂସା କରି ନ ପାରି ଟିକିଏ ଅଟକିଗଲେ । ତାପରେ ରହି ରହି ପଚାରିଲେ, ଉପନ୍ୟାସ ବିନା ଅନୁଭୂତିରେ ଲେଖା ହୋଇଥିଲେ ସୁଖପାଠ୍ୟ ହୁଏନା ସୁମନ୍ତ । ଲେଖକର ଅଙ୍ଗଲିଖ କଥାରେ ଭାଷା ଓ ଭାବର ସାବଲୀଳ ପ୍ରକାଶ ଥାଏ ! ତୁମ ଗଳ୍ପ ଯେମିତି ଭାବରେ ଗଢି ଆସିଛି, ମନେ-ହୁଏ ବିଷୟବସ୍ତୁ ସଙ୍ଗରେ ତୁମର ସାକ୍ଷାତ ସମ୍ପର୍କ ରହିଛି । କଣ ଭୁଲ କହିଲି ସୁମନ୍ତ ? ଆଶାକରେ ଏ ଅସଂଲଗ୍ନ ପ୍ରଶ୍ନ ପାଇଁ କ୍ଷମା ଦେବ । ଏହା ମୋ ମନର ଗୋଟିଏ ଅଦ୍ଭୁତ କୌତୁହଳର ବହି-ପ୍ରକାଶ ମାତ୍ର । ଅଜ ପଚାରି ଦେଲି ।

ସୁମନ୍ତ ଥଙ୍ଗଥଙ୍ଗ ହେଲା । ମନେ ପଡ଼ିଲା ସେଦିନ ପୁରୀ ତୀର୍ଥର "ଚନ୍ଦନ ମଣ୍ଡପ" କଥା । ତାର ଅତି ଆପଣାର ବନ୍ଧୁ ସତ୍ୟେନ୍ଦ୍ର, ନରେନ୍ଦ୍ରର ତୁଠ ପଥର ଉପରେ ବସି ପଚାରିଥିଲା, କିନ୍ତୁ ମନେ କରିବୁନି, ପଦ-କଥାଟିଏ ପଚାରନ୍ତି । ସୁମନ୍ତର ନିର୍ଭର ପ୍ରତିଶ୍ରୁତି ପାଇଲା ପରେ ପଚାରିଲା, ସତକରି କହିବୁ ସୁମନ୍ତ, ତୋର ସେହି ତେଜସ୍ୱିନୀ ନାୟିକାଟି କିଏ ? ତୁ ଲେଖିଲା ବେଳେ କାହା କଥା ମନେ ପକାଉ ? ଭିତରେ ଥାଇ କିଏ ତୋର କଳ୍ପନାରେ ରଙ୍ଗ ବୋଳେ ??

ମୋର ମାନସୀ ।

ତାର ଶୁଭ ନାମ ? ତାପରେ ସୁମନ୍ତର ନୀରବତା ଦେଖି କହିଲା, ମୁଁ କାହାକୁ କହିବନି'ମ ! ସେ ଖବରଟି ନିତାନ୍ତ ଗୋପନୀୟ ରହିବଟେ ! କଣ ବିଶ୍ୱାସ କରୁନୁ ?

କହିଲି ପରା 'ମାନସୀ ।'

ସତ୍ୟେନ୍ଦ୍ର ବିଶ୍ୱାସ କଲା । କହିଲା, ବନ୍ଧୁ ! ସାଥୀ 'ମାନସୀ' ନାୟିକା ସୌଭାଗ୍ୟବତୀ । କେତେ ରଙ୍ଗ, କେତେ ଢଙ୍ଗରେ ସେ ନାୟିକୁ ତୋର ଛନ୍ଦ ଦେଇ ପାରୁଛନ୍ତି ! ପ୍ରତ୍ୟେକ ଉପନ୍ୟାସ, ପ୍ରତିଟି

କବିତାରେ ଅମର ହୋଇ ଯାଉଛନ୍ତି । 'ମାନସୀ' ମରିଯିବେ, କିନ୍ତୁ ତାଙ୍କର ପ୍ରତୀକ, ତାଙ୍କରି ପ୍ରତିନିଧିତ୍ୱ କରୁଥିବା ଏହି ମୂକ ମୌନ ମହାକାବ୍ୟ ତାଙ୍କୁ ଅମର କରି ତୋଳିବ । ଦେଶ ତାଙ୍କୁ ସମ୍ମାନ ଦେବ ।

ସେ ଅନେକ ଦିନର କଥା ! ସତ୍ୟେନ୍ଦ୍ର ବିଶ୍ୱାସ କଲା ଏହି କାଳ୍ପନିକ 'ମାନସୀ'କୁ । କହିଥିଲା, ମାନସୀଙ୍କୁ ମୋର ସବିନୟ ନମସ୍କାର ଜଣାଇ ଦେବୁ । ଆଜି ବୟୋବୃଦ୍ଧ ଦିଗମ୍ବର ବାବୁ ବି' ସେହି ସମାନ ପ୍ରଶ୍ନ ପଚାରୁଛନ୍ତି । ବୋଧହୁଏ ପ୍ରତ୍ୟେକ ପାଠକର ସମାନ ଧାରଣା । ଉପନ୍ୟାସ ପଢି ଭାବନ୍ତି ଲେଖକ ପ୍ରେମିକ ହୋଇଥିବ, ଡିଟେକ୍ଟିଭ୍ ପଢି ଭାବନ୍ତି ତଦାଯୁକ୍ତି ବିଦ୍ୟାରେ ପାରଙ୍ଗମ ହୋଇଥିବ ! କେତେ ଭୁଲ୍ ତାଙ୍କର ଧାରଣା ! ତଥାପି ଏ ପ୍ରଶ୍ନ ଶୁଣିଲେ ଆନନ୍ଦ ଲାଗେ । ଆନନ୍ଦ ଲାଗେ ଏଇ ଧାରଣା ନେଇ ଯେ, ସେମାନେ ଲେଖକ ଭଳି ବିଷୟ-ବସ୍ତୁକୁ ନିଜର କରି ନେଇଛନ୍ତି । ଭାବନା ସମାନ୍ତରାଳ ଭାବରେ ଗତି କରି ପାରୁଛି । ଏହାହିଁ ତ ପୁରସ୍କାର !!

ବାପା ମୁଁ ନିଜେ ଏ ଗ୍ରୁ' ଛଅବି କରିଛି । ତୁମେ ଆଉ କପେ ନିଅନା । ଆଶାର ନୟନ ଭଙ୍ଗୀରେ ଆବେଗ ଥିଲା । ହାସ୍ୟୋଜ୍ଜ୍ୱଳ ପକ୍ଷ୍ମଲତାର ତୀରେ ତୀରେ ଆତ୍ମଗର୍ବ ଥିଲା ।

ଏଇ ଆଶା ! କାମଟାଏ କଢାଇଲେ କରିଛଡା ହୁଏ । ସକାଳ ଆଠଟାରେ ନିଦ ଭାଙ୍ଗେ - ଆଜି ପୁଣି ସାଙ୍ଗ ସୁମନ୍ତ ପାଇଁ ନିଜ ହାତରେ ଗ୍ରୁ' ଛଅବି କଲା । ଦିଗମ୍ବର ବାବୁ ଆଶା ଓ ସୁମନ୍ତକୁ ପ୍ରାୟ ଏକ ସଙ୍ଗରେ ଦେଖି ମନେମନେ ହସିଲେ । ପୁଣି କଣ ଭାବିଲେ ।

ସୁମନ୍ତ ଓ ଦିଗମ୍ବର ବାବୁଙ୍କ ଗଳ୍ପ ଆଲୋଚନାରେ ଦୀର୍ଘ ବନ୍ଧନୀ ପଡିଲା । ସୁମନ୍ତକୁ ଉତ୍ତର ଦେବାକୁ ପଡିଲା ନାହିଁ ।

ସୁମନ୍ତ ଗୁ ଗାଉଗାଉ ହସୁଥିଲା । ଆଶାର ଆକସ୍ମିକ ଆବିର୍ଭାବ ସୁମନ୍ତକୁ ଅସହ୍ୟ ପରିସ୍ଥିତିରୁ ମୁକ୍ତି ଦେଇଥିଲା ।

କଣ ଭଲ ଲାଗିଲାନି ? ଆଶା ପ୍ରଶଂସା ଦାବୀ କଲା ।

ଖୁବ୍ ଭଲ ହୋଇଛି ମାଆ । କଣ କହୁଛନ୍ତି ସୁମନ୍ତ ବାବୁ ? ଝିଅକୁ ସୁମନ୍ତ ପାଖରୁ ପ୍ରଶଂସାଟିଏ ମଗାଇ ଦେଉଥିଲେ ଦିଗମ୍ବର ବାବୁ । ନ ହେଲେ ଆଶା ହୁଏତ ଅଭିମାନ କରି ବସିବ ।

ଖୁବ୍ ଭଲ ! ସୁମନ୍ତ ହସିହସି କହିଲା ।

ଆଶା ଅନୁଭବ କରୁଛି ଆଶା କରୁଥିଲା । ସୁମନ୍ତର ହସିଲା ମୁହଁକୁ ଚାହିଁ ସେ ଭାବିଲା ଉତ୍ତରଟା ବାଧ୍ୟବାଧକତାର ବହିଃପ୍ରକାଶ ମାତ୍ର । ଅଭିଯୋଗ କଲା, ସୁମନ୍ତବାବୁ ସବୁବେଳେ ହସନ୍ତି, ବାପା ! ଭଲରେ ଅଉ ମନ୍ଦରେ ବି । ତେଣୁ ତାଙ୍କ କଥା ବୁଝି ହୁଏ ନାହିଁ ।

ଦିଗମ୍ବର ବାବୁ ଶାନ୍ତ ସୁମନ୍ତକୁ ଚାହିଁଲେ ! ସୁମନ୍ତର ହସିଲା ମୁହଁରେ ଜୀବନ ଥିଲା । ସରଳ, ନିଷ୍ପାପ ହସରେ ସେ ମୁହଁ ଅଧିକ ଶ୍ରୀଯୁକ୍ତ ଜଣା ପଡୁଥିଲା । ଦିଗମ୍ବର ବାବୁଙ୍କୁ ଅନେକ ଆନନ୍ଦ ଦେଲା ସେ ମୁହଁ, ଆଉ ସେ ମୁହଁର ନିର୍ଦ୍ଦୋଷ ହସ । କହିଲେ, ହସରେ ଥାଏ ଜୀବନର ସ୍ୱାଦ । ସବୁ ଦୁଃଖକୁ ଯିଏ ହସି,ହସି ଗ୍ରହଣ କରି ପାରେ ସେ ମାନବ ଭିତରେ ଅତି-ମାନବ ? ଯେଉଁ ଜାତିର ଯୁବକ ମୁହଁରେ ହସ୍ ନାହିଁ, ସେ ଜାତି ସମୃଦ୍ଧିଶାଳୀ ହୋଇ ପାରେନା ମାଆ । ସେ ଆଉ ଉଠେଇ ପାରେନା ! ମୋତେ ହସିଲା ମୁହଁକୁ ଖୁବ୍ ଭଲ ଲାଗେ !

ଆଶା ନୀରବ ହେଲା । ବାପାଙ୍କର ମନ୍ତବ୍ୟକୁ ପସନ୍ଦ କଲା ସିଏ ।

ତାପରେ ତିନିଜଣଙ୍କ ଭିତରେ ପଡ଼ିଲା ଅନେକ ଆଲୋଚନା । ଆଦ୍ୟାତ୍ମିକ ଠାରୁ ଖାଦ୍ୟଭଣ୍ଡାର ଯାଏ ଅନେକ କଥା । ସମୟ ଅଗେଇ ଚାଲିଥାଏ । ସୁମନ୍ତ ଶେଷ ବେଳକୁ ସଭାର ନିମନ୍ତ୍ରଣ କଥା ଉଠାଇଲା । ଆଶା ମଧ୍ୟ ଆଗ୍ରହ ପ୍ରକାଶ କଲା ତହିଁରେ ଯୋଗଦାନ କରିବାକୁ । ଦିଗମ୍ବର ବାବୁ ରାଜି ହେଲେ । କହିଲେ, ସୁମନ୍ତ ବାବୁ

ଯଦି ସାଙ୍ଗରେ ଯାଆନ୍ତି ମୋର ଆପତ୍ତି ନାହିଁ । ତାପରେ ଛୁଟି ଅନୁମତି ମାଗି ସେ ବ୍ୟବସାୟ କାମରେ ଚାଲିଗଲେ ।

ଦିଗମ୍ବର ବାବୁଙ୍କ ବ୍ୟବହାରରେ ଆନ୍ତରିକତା ଥିଲା । ଏତେ ବଡ ଛୋଟା ଅଜ କାରବାରର ମାଲିକ ହୋଇବି' ଗର୍ବ ନାହିଁ କି ବଡିମା ନାହିଁ । କଥା ଭାଷା ତାଙ୍କର ଖୋଲା ପବନ ଭଳି ପରିଷ୍କାର । କଥା ପଦକରେ ଅଜଣା ଲୋକକୁ ଆପଣାର କରିନେବେ । ଆଉ ତାଙ୍କର ଝିଅ ଏହି ଆଶା ! ସୁମନ୍ତର ମନେ ହେଲା ସତେ ଯେମିତି ଏହି ଆଶା ଆଭିଜାତ୍ୟ ଆଉ ଆତ୍ମ ଗୌରବର ଏକ ମୂର୍ତ୍ତିମନ୍ତ ପ୍ରକାଶ ! ତାର ପ୍ରତ୍ୟେକ ପଲକ କହେ, ମୋତେ ଟିକିଏ ଆଖି ଫେରାଇ ଅନାଅ ! ମୋତେ ପ୍ରଶଂସା କର ! ମୋର ସମ୍ମାନ ଦିଅ !!

ସୁମନ୍ତ ପାଖରେ ଏକାନ୍ତରେ ବସି ଆଶା ମନକୁମନ ଭାବୁଥିଲା !

ଆଶା ଶିକ୍ଷିତା, ଆଶା ରୂପସୀ, ଆଶା ସୌଭାଗ୍ୟବତୀ – ତଥାପି ସେ ନାରୀ ! ନାରୀ ଏ ସୃଷ୍ଟିର ଅଦ୍ଭୁତ ଜୀବ ନୁହେଁ । କିନ୍ତୁ ସବୁ ନାରୀ ଆଶା ନୁହନ୍ତି । ପୁରୁଷ ଆଖିରେ କମିଆ ଲଗାଇ ଯୁଗଯୁଗ ଧରି, ସେ ଗୋଟିଏ ରହସ୍ୟମୟ କବିତାର ଅବୋଧ ଆଉ ଅଗମ୍ୟ ପୃଷ୍ଠା ହୋଇ ରହିଛି । ପୁରୁଷ ମନ ଲଗାଇ ସେ କବିତାକୁ ଅନୁଧ୍ୟାନ କରେ – ଅଧେ ବୁଝେ ତ ଅଧେ ଅବୁଝା ରହିଯାଏ । ତାର ସମସ୍ତ ଶିକ୍ଷା ହାର ମାନେ ଏହି ରହସ୍ୟମୟୀ ନାରୀ ଆଗରେ ।

ଏହି ନିର୍ଜନ ପରିସ୍ଥିତିରେ ଉତ୍ସାହିତ ହୋଇ ସୁମନ୍ତ ସୁଖୀ ଓ ସୌଭାଗ୍ୟବତୀ ଆଶାକୁ ଆଗ୍ରହ ଆଖିରେ ଅନାଇଲା ! ଆଶା ଠିକ୍ ସେହି ସମୟରେ ସୁମନ୍ତକୁ ଅନାଇଥାଏ । ଦୁଇଟି ଆଖି ସାଙ୍ଗରେ ଆଉ ଦୁଇଟି ଆଖିର ଶୁଭ ମିଳନ ହେଲା ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ । ଦୁହିଁଙ୍କ ଶରୀରରେ ଶିହରଣ ଖେଳିଗଲା ।

କଣ ଏତେ ଅନାଇଛନ୍ତି ? ଆଶା ପଚାରିଲା ।

ତୁମକୁ……

ନିତିତ' ଦେଖା ହୁଏ ……

କିନ୍ତୁ ପ୍ରତିଦିନ ନୂଆ ଦେଖାଯାଏ ।

ସେ ଆପଣଙ୍କ ଆଖିର ଭ୍ରମ !

ସେହି ଭ୍ରମରେବି' ଆନନ୍ଦ ଅଛି ।

ମୁଁ ମଧ୍ୟ ଆନନ୍ଦିତା । ଆଶା ରହିରହି କହିଲା ।

ଆଶା ଇଚ୍ଛା କରୁଥିଲା ଏ ଉତ୍ତରର ପରେ ହୁଏତ ସୁମନ୍ତ ପାଖେଇ ଆସିବ । ବିନା କାରଣରେ ତାର ଶରୀର ସ୍ପର୍ଶ ପାଇଁ ଅଗ୍ରହୀ ହେବ । ଆଉ ସେ ପ୍ରଥମେ ସମ୍ମତି - ସୂଚକ ପ୍ରତିବାଦ କରିବ । ତାପରେ କିଛି କହିବ ନାହିଁ । ଖାଲି ନୀରବ ରହି ଉପଭୋଗ କରିବ ।

ସୁମନ୍ତ ଆଶାର ମନୋଭାବକୁ ବୁଝି ପାରିଲା ନାହିଁ । ଯୁବତୀ ଦେହର ତରଙ୍ଗ ବାଉଲା ଖାଉଥାଏ । କାଧ କରି ସେ ତାର ପିପାସୀ ଦୃଷ୍ଟିକୁ ଅନିଚ୍ଛା ସତ୍ତ୍ୱେ ପାଖେଇ ନେଲା ।

ପୁଣି କଣ ଦେଖୁଛନ୍ତି ? ଆଶା ପଚାରିଲା ।

'ଆକାଶକୁ !'

'ଆଉ ସେ ପକ୍ଷୀ ଦମ୍ପତି ?' ଆଶାର କଣ୍ଠରେ ଉତ୍ସାହ ଥିଲା । ବୋଧହୁଏ ବୁଲି ବାହାରିଛନ୍ତି—ନୁହେଁ ?"

ନା - ହୁଏତ ନୀଡ଼ମୁଖୀ ସେମାନେ - ସୁମନ୍ତ ଉତ୍ତର ଦେଲା ।

କେମିତି ଜାଣିଲେ ?

ଆକାଶର ମେଘର ଉଦ୍ୟମ - ଟିକକ ପରେ ବର୍ଷା ହୋଇପାରେ । ତେଣୁ ନିଶ୍ଚିତ ଆଶ୍ରୟକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

କେଡ଼େ ବୋକା ଏ ପକ୍ଷୀ ଜାତି ତାହାହେଲେ ? ବର୍ଷା ହେବ କି ନାହିଁ ଜଣା ନାହିଁ - ଅଥଚ ଏ ସୁନ୍ଦର ଆକାଶ, ସୁଶୀତଳ ପବନ, ଆଉ ସରସ ସହାସ୍ୟ କଥୋପକଥନ ଛାଡ଼ି ନୀଡ଼ ଭିତରର

ଅନ୍ଧାରକୁ ଆଦର ନେବେ । ଜୀବନ ତାଙ୍କର କି ଦାୟିତ୍ୱମୟ !

ଆଶାର ଉତ୍ତରରେ ଶ୍ଳେଷ ଥିଲା । ସୁମନ୍ତ ସେତିକି ବୁଝିପାରି କହିଲା, ଆକାଶର ସବୁ ପକ୍ଷୀ ଅବୋଧ ନୁହନ୍ତି ଆଶା ! ବିଶେଷତଃ ଏ ପକ୍ଷୀ ଅମିତ ସୁଚତୁର । ବର୍ଷା ଦେଖି ନିଶ୍ଚିତ ସଂସାରକୁ ଫେରି ଯାଉଛନ୍ତି । ବର୍ଷା ହେଲେ ପକ୍ଷ ତାଙ୍କର ଓଦା ହେବ । ଦିନଙ୍କର ଭ୍ରମଣ ମଉଜ ସଙ୍ଗରେ ସଦାଦିନର ସ୍ୱାଧୀନ ବିହାରରେ ବାଧା ଆସିପାରେ । ଅଦିନିଆ ବର୍ଷାର କୁଆପଥର ମାଡରେ ପକ୍ଷ ହୁଏତ ଜଖମ ହେବ । ତା' ସଙ୍ଗେ ସଙ୍ଗେ ସାରା ଜୀବନଟା ଅକାମୀ ହୋଇ ଯାଇପାରେ । ତେଣୁ ଆଲୋକର ଉପଭୋଗ ଅପେକ୍ଷା ଅନ୍ଧାରର ନିଶ୍ଚିତ ଆଶ୍ରୟକୁ ସେମାନେ ଆଦର ନେଇଛନ୍ତି ।

ଏ ଆଲୋଚନାର ସମାଧାନ ଅବାସ୍ତବ । ଦୁଇଟି ବିପରୀତମୁଖୀ ମନର କଟିମିଟିଆ ସିଦ୍ଧାନ୍ତ - ଦୁଇଟି ସମାନ୍ତରାଳ ରେଖାର ଦୌଡ଼ ପ୍ରତିଯୋଗିତା !

କାଲି ଆମକୁ ସହରକୁ ଯିବାକୁ ହେବଯେ ...... ସୁମନ୍ତ ଆଗର ଆଲୋଚନାକୁ ନିଜ ହାତରେ ପୋଛି ଦେଲା ।

“ଅରେ ସତେତ !” ଆଶା କହିଲା, “ମୁଗଧା ପାଖକୁ ଯାଇ ହୋଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରୁ ଅନୁମତି ଆଣିବାକୁ ହେବଯେ ...... ।”

ଦୁହେଁ ଦିଗମ୍ବର ବାବୁଙ୍କ ଉଆସ ଛାଡ଼ିଲେ !

ଏ ଉଆସରେ ଚଢିବା ଯେମିତି କଷ୍ଟ - ଓହ୍ଲାଇବା ସେମିତି କଷ୍ଟକର । ଏତେ ଜଟିଳତା ଭିତରକୁ ନ ପଶି ସାଦାସିଧାରେ ଚାଲିଗଲେ ସମୟ ଓ ଶକ୍ତିର ଅପଚୟ ହୁଅନ୍ତାନି' ସୁମନ୍ତ ଭାବୁଥିଲା ତାର ନିଜ ମେସ୍‌ଟିହିଁ ଭଲ । ଅଯଥା ଆଡମ୍ବର ନାହିଁ - ଏତେଗୁଡିଏ ପାହାଚ ନାହିଁ । ଛୁଆ ହେଲେ ସବୁ ଅଡୁଆ ନଜର ପାଏ । କିନ୍ତୁ

ଦିଗମ୍ବର ବାବୁଙ୍କ ନବନିର୍ମିତ ଅଟ୍ଟାଳିକା ? ଉପରେ ଚଢିଲେ ତଳକୁ ନଜର ପଡ଼ିବ ନାହିଁ କି ତଳେ ଥିଲେ ଉପରର ଗତିବିଧି ବୁଝା ପଡ଼େନା ! କି ଅସୁବିଧା !

ମୁଗ୍‌ଧାର ହୋଷ୍ଟେଲ ଛାଡ଼ିବା ହେଲା ନାହିଁ । କଲେଜରୁ ଫେରିଲା ବେଳୁ ଦେହରେ ତାତି ଅଛି । ଡାକ୍ତର କହିଗଲେ ଦଶ ଦିନ ପାଇଁ ପୂର୍ଣ୍ଣ ବିଶ୍ରାମ ଦରକାର !

ମୁଗ୍‌ଧା ଶୁଖିଲା ହସ ହସି କହିଲା, ତୁ ଯାଅ ଅଶା, ତୁମମାନଙ୍କ ସାଙ୍ଗରେ ମୁଁ ଯାଇପାରୁ ନଥିବା ହେତୁ ବିଶେଷ ଦୁଃଖିତ ! ଗୀତାର ବାହାଘରଟା ଦେଖିବାକୁ ଯୋଗ ନାହିଁ । ଗୀତାକୁ ବୁଆସୁଣୀ ବେଶରେ ଦେଖିବାକୁ କିନ୍ତୁ ଖୁବ୍ ମନ ଥିଲା । ତାକୁ କହିବୁ......

କଣ କହିବି ? ଅଶା ଉଦ୍‌ବେଗରେ ପଚାରିଲା —

କହିବୁ ସେ ଟିକିଏ ...... ମୁଗ୍‌ଧା ଅଟକି ଗଲା । କହିଥାନ୍ତା ଗୀତାକୁ କହିବୁ, ସେ ଟିକିଏ ସଂଯତ ହେବ, ଶିଷ୍ଟ ହେବ । ସବୁ କଥା ସବୁଦିନେ ନଥାଏ । କୁମାରୀ ଜୀବନ ଓ ବିବାହିତ ଜୀବନରେ ଅନେକ ତଫାତ୍ । କୁମାରୀ, ବଧୂ ହେଲେ ଅନେକ ଦାୟିତ୍ୱ ପଡ଼େ । ଖିଆଲି ମନକୁ ସଂଯତ ନକଲେ ନୂଆ ସଂସାରରେ ଗହଳ ପଶିଯାଏ ! କିନ୍ତୁ ସେ ଭାବିଲା—ଏ ଉପଦେଶ ଗୁଡିକ ପର ଆଗରେ ପ୍ରକାଶ କରିବ । ତାର କଣ ଏହି ଉପଦେଶ ଦେବାଭଳି ଯୋଗ୍ୟତା ରହିଛି ? ଗୀତାର ସମବୟସୀ ସିଏ । ବନ୍ଧୁ ବନ୍ଧୁକୁ ଅନୁରୋଧ କରେ, ପଚାରିଲେ ପରାମର୍ଶ ଦିଏ କିନ୍ତୁ ଆଗରେ ପଡି ଉପଦେଶ ଦେବା କଣ ଭଲ କଥା ? ବିଶେଷକରି ଅଶା ଆଗରେ ସେସବୁ ଶୋଭନୀୟ ନୁହେଁ । ତୁଚ୍ଛା କଥାକୁ ତାର ହସ ପରିହାସ ! ଧନୀ ପିତାର ଅଳିଅଳି ଝିଅ ଏହି ଅଶା ! ସେ ତାର କଥା ଶୁଣି ଚୁଟ୍‌କି ଫୁଟାଇ ଉଡାଇ ଦେବ । ଖିଲିଖିଲି ହୋଇ ହସିବ ।

କିଲେ ପୁସ୍ କରୁନୁ — ଅଶା ଦାବୀ କଲା ।

କହିବୁ ସେ ମୋତେ କ୍ଷମା ଦେବ । ଦେହ ଯୋଗୁ ଯାଇନାହିଁ ।

ଖାଲି ଏତିକି ?

ମୋର ଶୁଭେଚ୍ଛା ଜଣାଇ ଦେବୁ ।

ଅଶା ହୋଷ୍ଟେଲରୁ ଫେରିଲାବେଳେ ଖୁସୀ ଥିଲା । ମୁହଁରେ ଅଞ୍ଜୁଳେ ହସ ଚହଲୁ ଥିଲା ! ସୁମନ୍ତ ସାଙ୍ଗରେ ଏକାନ୍ତ ଭ୍ରମଣର ଅସନ୍ନ ଲଗ୍ନକୁ ସ୍ୱାଗତ କରୁଥିଲା ସେ ! ବାହାରେ ଅଡୁଆ ହେବାକୁ ସୁବିଧା ନଥିବ । ଖାଲି ସିଏ ଓ ସୁମନ୍ତ ! ଦୀପ ଓ ସଳିତା !!

ଲମ୍ବା ରେଲ୍‌ଗାଡ଼ୀରେ ଗୋଟିଏ ନିର୍ଜନ କମ୍ପାର୍ଟ୍‌ମେଣ୍ଟରେ ବସିଥାନ୍ତି ସୁମନ୍ତ ଓ ଅଶା !

କଲେଜରେ ପ୍ରଥମେ ସାକ୍ଷାତ ହେଲାବେଳେ ପରସ୍ପର ସଂପୂର୍ଣ୍ଣ ଅପରିଚିତ ଥିଲେ । ଅଗରୁ କିଏ କେଉଁଠି ବଢ଼ିଲେ, ଖେଳିଲେ, ବୁଲିଲେ କେହି କାହାକୁ ଖବର ନାହିଁ । ଅଶାର ଚପଳ ଚଞ୍ଚଳ ମନ ସୌମ୍ୟଦର୍ଶନ, ବପୁବନ୍ତ ଓ ସୁସାହିତ୍ୟିକ ସୁମନ୍ତର ନିକଟବର୍ତ୍ତୀ ହେବାକୁ ଆଗ୍ରହ ପ୍ରକାଶ କଲା । ସୁମନ୍ତର ତରୁଣ ମନ ସୁନ୍ଦରୀ ଅଶାର ସାନ୍ନିଧ୍ୟ ପାଇ ମୁଗ୍ଧ ହେଲା । ସୁମନ୍ତ ପାଇଁ ଅଶାର ହୃଦୟରେ ଅନୁରକ୍ତି ଥିଲାକି ନାହିଁ କେଜାଣି କିନ୍ତୁ ଅଗ୍ରହ ଥିବାର ଜଣା ପଡ଼ିଲା ।

ସୀମାହୀନ ଶସ୍ୟ-କ୍ଷେତର ସବୁଜିମା କାଟି କାଟି ରେଲ୍‌ଗାଡ଼ୀ ଅଣନିଃଶ୍ୱାସୀ ହୋଇ ଧାଇଁଛି । ମଝିରେ ମଝିରେ ମୁକୁଟପରି ପାହାଡ଼-ଡାଳ ଭିତରେ ଜାତ ଜାତକା ଗଛ ଓ ଫୁଲର ସମାବେଶ । ଅଜଣା

ଲତାରେ ଫୁଲ ଫୁଟିଛି । ଅନାମିକା ଗଛରେ ଫଳ ଫଳିଛି । ଡାଳେ ଡାଳେ ପାହାଡ଼ିଆ ପକ୍ଷୀର କଳକୂଜନ ! ସେ ଶୋଭା ଅପୂର୍ବ ଓ ଅନବଦ୍ୟ ! କଳ୍ପନା ଓ ବାସ୍ତବତାରୁ ମିଶା ମିଶି !!

ଚଳନ୍ତା ରେଲ୍‌ଗାଡ଼ିକୁ ଦେଖି ପାଖ ଗାଁର ଅଶିକ୍ଷିତ ଲୋକ ତାଳି ମାରୁଛନ୍ତି । ଅଜ୍ଞାନ ବାଳକ ବାଳିକା ହର୍ଷଧ୍ୱନି କରୁଛନ୍ତି - ଆକାଶରେ କପୋତ କପୋତୀର ଉଚ୍ଛ୍ୱସିତ କଳରବ । ସ୍ୱାସ୍ଥ୍ୟବତୀ କପୋତୀ, ନୟନ ଭଙ୍ଗୀରେ ଅପାଙ୍ଗ ତାଳି ସାଥୀ କପୋତକୁ ସମ୍ମୁଗ୍ଧ କରିଥିବ । ସମୁଗ୍ଧ କପୋତର ଶିରେ ଶିରେ ହୁଏତ ଉତ୍ତେଜନାର ତରଙ୍ଗ ଖେଳୁଥିବ — ମୁକ୍ତ ଡେଣାର ମୁକୁଳା ଛନ୍ଦ ଆହୁରି କ୍ଷିପ୍ର ଆହୁରି ବ୍ୟଗ୍ର ହୋଇଥିବ ।

ସୁନୀଳ ଆକାଶର ଭସା ମେଘରେ ଅନେକ ରଙ୍ଗ ଲାଗିଛି । ସେ ରଙ୍ଗର ଛିଟିକା ବାଜିଛି ତରୁଣୀ ଆଶାର କୁମାରୀ ମନରେ । ସର୍ବାଙ୍ଗ ତାର ମିଳନର ଅପୂର୍ବ ଛନ୍ଦରେ ଛନ୍ଦାୟିତ । ସ୍ୱର୍ଗ କାତର ଶରୀର, ସୁମନ୍ତର ସାନ୍ନିଧ୍ୟ ପାଇ ସବୁ ଭୁଲି ଯାଉଛି । ସେ ଭୁଲିଯାଉଛି ଯେ ଲକ୍ଷପତି ଦିଗମ୍ବରବାବୁ ତାର ପିତା, ସହରର ସୁରମ୍ୟ ଅଟ୍ଟାଳିକା ତାର ଆବାସ, ଉଚ୍ଚ ଶିକ୍ଷା ସକାଶେ ଉଦ୍ଦିଷ୍ଟ କଲେଜର ସେ ଗୋଟିଏ କୃତୀ ଛାତ୍ରୀ ! ଆଶା ସମ୍ବନ୍ଧବର୍ଜିତା, ସମ୍ପର୍କ ହୀନା ସାମାନ୍ୟ ଆଶା ହୋଇ ବସିଥିଲା । ଆଶା କେବଳ ତରୁଣୀ ଆଶା ! ସର୍ବାଙ୍ଗରେ ତାର ତାରୁଣ୍ୟର ବିଳାସ ! ମନ ଭିତରେ ମହୁଲ ମଦର କଡ଼ା ନିଶା । ଶିରା ପ୍ରଶିରାରେ ସ୍ଖଳନର ବେତାଳିଆ ସଙ୍ଗୀତ ।

ସୁମନ୍ତ ଏହି ସୁନ୍ଦରୀ, ସ୍ୱାସ୍ଥ୍ୟବତୀ ଆଶା ମୁହଁକୁ ଚାହିଁଲା । ତାର ମଦିର-ନୟନର ଘୂମନ୍ତ ଢୋଳାରେ ଥାଏ ଅନେକ ଆଳସ୍ୟର ଖେଳ । ଘନ କୃଷ୍ଣ କେଶ ଗୁଚ୍ଛରେ ସେଣ୍ଟ୍ ଭିଜା ଶବନ୍ ପାହାଡିଆ ପବନରେ ନାଚିନାଚି ଉଠୁଥିଲା । ପଷ୍ଟ ଲତାର ଫାଁରେଫାଁରେ ବୋଲି

ହୋଇଥିଲା ଯୁଗାନ୍ତ - ବ୍ୟାପୀ ରହସ୍ୟର ରଙ୍ଗ । ପିଆସୀ ଓଠ ଦୁଇଟିରେ ଛଳଛଳ ହେଉଥାଏ ପ୍ରଣୟୀର ସ୍ୱାଧୀନ ସଂଳାପ ।

ସୁମନ୍ତ ମନର ଧୈର୍ଯ୍ୟଚ୍ୟୁତ ହେଲା । କିନ୍ତୁ ବିବେକ ତାକୁ ବାରମ୍ବାର ଦଂଶନ କରୁଥାଏ ।

ଆଶା ମୁହଁକୁ ଚାହିଁଲେ ମନେ ହେଉଥାଏ, ସତେ ଯେମିତି ସେ ଫାଲ୍‌ଗୁନ ସଂଧ୍ୟାର ପୁଷ୍ପିତ ବିଳାସ ! ଆଷାଢ଼ ଅସରାର କାମାର୍ତ୍ତ ବିଳାପ ! ପ୍ରସ୍ଫୁଟିତ କୁସୁମର ଉନ୍ମାଦନୀ ଗନ୍ଧ !!

ଆଶାର ଅଙ୍ଗଲତା ଅସମ୍ଭବ ଭାବେ ଅଶ୍ଳୀଳ ହୋଇ ଉଠିଛି ତାର ତରଙ୍ଗାୟିତ ଚୂର୍ଣ୍ଣକୁନ୍ତଳ କେଇଟି ବନଙ୍କ କପୋଳ ଉପରେ ବାରମ୍ବାର ଖସି ପଡୁଛି । ସ୍ଫଟିକ ଧବଳ ବାହୁଲତା ଦୋଳି ତାକୁ ଅନ୍ୟମନସ୍କ ଭାବରେ ସଜାଡି ନେଉଛି ସେ । ମନେ ହେଉଥାଏ ପରୀ ସହରର ରୂପସୀ ରାଜକନ୍ୟାଟିଏ ପଥ ଭୁଲି ଧାଲେଇ ପଡ଼ିଛି ।

ଠିକ ଏହି ସମୟରେ ବଣ ଭିତରୁ କେଉଁ ଅନାମିକା ଫୁଲର ଗନ୍ଧ ପ୍ରବାହମାନ ପବନ ତରଙ୍ଗରେ ପୁଣିଥରେ ଭାସି ଆସିଲା । ଦିବସର ପାତଳ କିରଣ ରେଖା କାଟି, ଆକାଶର କୋମଳ ଦେଣା ଭିତରେ ମୁହଁ ଲୁଚାଇ ଦୁଇଟି ସାଥୀ ବିହଗ ତାଳଧରି ଉଡିଯାଉଥିଲେ ।

ଆଶା ଦେଖାଯାଉଥାଏ ଠିକ୍ ଏକ ବିବାହ ବେଦୀର ବଧୂ ଭଳି । ମୁହଁରେ ଲାଜ, ଆଖିରେ ସରମ ନେଇ ସେ ଶିହରି ଉଠୁଥାଏ ।

ସୁମନ୍ତର ବିବେକ, ମନର ଚଞ୍ଚଳତା ଉପରେ ଲଗାମ ଲଗାଇ ପାରୁଛି — ସେ ନରମ ଗଳାରେ କହିଲା, ତୁମେ ଅସ୍ଥିର ହୋଇ ପଡୁଛ ଯେ ଆଶା ! କଥା କଣ ?

କାହିଁ ? ନାଁ-ତ ! କେମିତି ଜାଣିଲେ ? ଆଶା ପଚାରିଲା ।

ତୁମ ମୁହଁ, ତୁମ ଆଖି ତାର ସାକ୍ଷୀ ! ସୁମନ୍ତ ଉତ୍ତର ଦେଲା ।

ଅସ୍ଥିର ହୁଏ ମନ ନା ମୁହଁ ସୁମନ୍ତବାବୁ ?

ମନ ଅସ୍ଥିର ହେଲେ ମୁହଁ ସେ କଥା କହେ ! ମନ ସିନା ଭିତର ଜିନଷ – କିନ୍ତୁ ତୁମର ଏ ଆଖି ଆଉ ମୁହଁ ଯେ ବାହାରର । ଭିତର ଆଉ ବାହାର ମିଶି ହୁଏ ମଣିଷ । ଉଭୟେ ଉଭୟର ପରିପୂରକ । ତେଣୁ ପ୍ରତ୍ୟେକ ଭାବ, ପ୍ରତିଟି ଚିନ୍ତାର ଅନୁରୂପ ଉଚ୍ଛ୍ୱାସ ଖେଳେ, ମନ ଓ ଶରୀର ଉପରେ । ମୁହଁରେ ଯେତକ କଥା କହି ହୁଏ ନାହିଁ – ଆଖିରେ ସେତକ ଜଣାଇ ହୁଏ – ଅମନା ଥିଲେ ମୁହଁ ଝାଉଁଳି ଯାଏ ।

ଆପଣ ତ ବେଶ୍ ମନସ୍ତାତ୍ତ୍ୱିକ ପାଲଟି ଯାଇଛନ୍ତି ! ଏଇନେ ମୁଁ କଣ ଭାବୁଛି କହିଲେ ?

ତୁମରି ଜୀବନର ଅଜ୍ଞଣ୍ଡା ଭାବନା ! ଆଖିରେ କଳ୍ପନାର ଉଚ୍ଛ୍ୱାଳ, ମୁହଁରେ ଅନାଗତ ଭବିଷ୍ୟତର ସବୁଜ ସ୍ୱପ୍ନ ନେଇ ଆପଣ ବର୍ତ୍ତମାନକୁ ଓଜନ କରୁଛନ୍ତି ! ଶୁଣିଲେତ ?

ରେଲ୍‌ଗାଡ଼ୀ ଷ୍ଟେସନ ଧରିଲା । କେତେକ ଅପରିଚିତ ଯାତ୍ରୀ ଆସି ଖାଲି ଡବାଟାରେ ରୁଣ୍ଡ ହେଲେ । ଆଶା ସୁମନ୍ତ ପାଖକୁ ଘଞ୍ଚେଇ ବସିଲା । ଆଶାର ଉଷ୍ମ ଶରୀରର ଉତ୍ତାପ ଆସି ବାଜିଲା ସୁମନ୍ତର ଦେହ ପାଖରେ । ଉଭୟେ ଉଭୟଙ୍କର ସାନ୍ନିଧ୍ୟକୁ ଉପଭୋଗ କଲେ । ଅନ୍ୟ କେହି ନ ବୁଝିଲେବି ଦୁଇଟି ମନ, ଶରୀର ଭିତରେ ବାଉଳା ହେଲା । ଉଭୟେ ବୁଝିଲେ ସେମାନେ ଗୃହାନ୍ତ କଣ ? କିନ୍ତୁ କାହାରି ଆଗରେ କେହି କିଛି କହିଲେ ନାହିଁ ।

ନିର୍ଦ୍ଦିଷ୍ଟ ଷ୍ଟେସନ ପାଖେଇ ଆସିଲା !

ଶ୍ରୀକାନ୍ତ ଷ୍ଟେସନକୁ ଆସି ସେମାନଙ୍କୁ ପାଛୋଟି ନେଲା । ଶ୍ରୀକାନ୍ତକୁ ଦେଖି ଆଶା ଭାବୁଥାଏ ଏ ବିବାହ ଉତ୍ସବରେ ଯୋଗଦାନ କରିବାକୁ ଆସି ସେ ଭୁଲ୍ କରିନି ତ ? ତଥାପି ଆଶା ଓ ଶ୍ରୀକାନ୍ତ ହସିହସି କଥା ହେଲେ । ଅତୀତକୁ ସେମାନେ ଜାଣିଶୁଣି ପାଶୋରି

ଦେଲେ । ମନେ ହେଉଥିଲା, ସତେ ଯେମିତି ଅତୀତ ତାଙ୍କର ନଥିଲା । ବର୍ତ୍ତମାନର ସ୍ଫୁର୍ତ୍ତ ଚିହ୍ନ ଉପରେ ଛିଡ଼ାହୋଇ ସେମାନେ ପରସ୍ପରକୁ ଚାହିଁଛନ୍ତି । ଆଖିରେ ଖାଲି ଏଇ ବର୍ତ୍ତମାନ ପରିଚୟ ହେଲା ଭଳି ଚାହାଣୀ । ମୁହଁରେ ଛଳନାର ଲିପିକା ।

ସୁମନ୍ତକୁ ଏକାନ୍ତରେ ଦେଖି ଆଶା ମନ୍ତବ୍ୟ କଲା, ଶ୍ରୀକାନ୍ତ ଲୋକଟି ଭଲ ନୁହେ ସୁମନ୍ତବାବୁ ! ଚିକ୍କଣିଆ କଥା ଭିତରେ ଖଣ୍ଡା-ଧାରର ଶାଣ ଅଛି । ମୁହଁରେ ମିଠା ତ ପେଟରେ କପଟ ।

କେମିତି ଜାଣିଲ ? କଣ ବନ୍ଧୁତା ଥିଲା ??

ପଦେ କଥାରେ ମଣିଷ ଚିହ୍ନା ପଡନ୍ତି । ଗୋଟିଏ ବର୍ଷ ଗୋଟିଏ କ୍ଲାସରେ କଟିଛି । ନିତଦିନ ଦେଖାସାକ୍ଷାତ ଓ କଥାଭାଷା ସେହି ସୂତ୍ରରୁ ବନ୍ଧୁତା ଟିକିଏ ଜମି ଯାଇଥିଲା ।

ସୁମନ୍ତ ହସିଲା । କହିଲା, ମଣିଷ ଏ ସୃଷ୍ଟିରେ ଗୋଟିଏ ଅଦ୍ଭୁତ ପ୍ରାଣୀ ! ହଜାର ବର୍ଷଧରି ଗବେଷକ ତାକୁ ଖୋଲି ଭଲେ ବୁଝିବାକୁ ଆଉ ଜାଣିବାକୁ ଚେଷ୍ଟା କରି ଆସିଛି, ତଥାପି ପାରିନାହିଁ । କିନ୍ତୁ କର୍ଷଟି ଭିତରେ –

ଆଶା ଆଉ ଆଗକୁ ଯିବାକୁ ନ ଦେଇ କହି ଉଠିଲା – ସମଗୋତ୍ରୀ ପୁରୁଷ ଆଉ ଗୋଟିଏ ପୁରୁଷକୁ ଚିହ୍ନିବାକୁ ଡେରି ହୋଇପାରେ କିନ୍ତୁ ନାରୀ ଆଖିରେ ପୁରୁଷର ସ୍ୱରୂପ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଏ । କଥା ପଦକରେ ତାର ମନ, ତାର ହୃଦୟ ଆପେଆପେ ପଡି ହୋଇଯାଏ ।

ସୁମନ୍ତ ଆଶ୍ଚର୍ଯ୍ୟ ହେଲା ଆଶାର ଉତ୍ତର ଶୁଣି । ଅତି ଅଦ୍ଭୁତ ଏହି ଆଶା ! ରହସ୍ୟର ନିଃଶ୍ୱାସ ନେଇ ସେ ଯା' ଆସ କରେ । ସବୁ କହେ ଅଥଚ ସବୁ ଲୁଚିଯାଏ ।

ଗାଁରେ ପହଞ୍ଚିଲ ବେଳକୁ ବାହାଘରର ବାଜା ଶୁଭୁଥାଏ । ଗାଆଁ ଦାଣ୍ଡଟି ବେଶ୍ ଗହଳ ହୋଇ ଉଠିଥାଏ ! ଶିକ୍ଷିତା ଝିଅ ରୀତା ସାଙ୍ଗରେ ବିଖ୍ୟାତ ଜମିଦାରଙ୍କ ବାହାଘର ! ମସ୍ତବଡ କାରଖାନା - ଅଖିଳଙ୍କ ଭେଣ୍ଡା ! କେତେ କଣ ! ଗାଆଁ ଲୋକ ଖୁସି ହେବେନି !

ରୀତା ଖୁସିହେଲା । ଅଶାକୁ ଆଲିଙ୍ଗନ କରି ବୁହେ ବେଳ ଅଟକାଇ ରଖିଲା । ତା'ପରେ ଦୀର୍ଘ ଅତୀତର କଳମୁଦ ଫିଟାଇ ଅନେକ ଆଲୋଚନା କଲେ । ଅଶା ଚୁପ୍ ଚୁପ୍ ସଗୁଥିଲା, ଶେଷକୁ ପଞ୍ଜୁରୀ ଭିତରକୁ ପଶିଲୁ ଏକା — କେମିତି କଣ ହେଲାଲୋ ?

ସବୁ ଭଗବାନଙ୍କ କଥା ଅଶା ! ଯୋଗ ଆସିଲେ ମନ ଲଇଁ ଯାଏ । ସବୁ ସ୍ତ୍ରୀ ସେଇଭଳି । ଉପରେ ଉପରେ ମନାକଲେବି' ବାହାହେବାକୁ ସଭିଙ୍କର ମନ । ଖାଲି ପାଦ ପାଇବା କଥା । ତୋର ପୁଣି ଖବର କଣ ? ବାହା ହଉନୁ ତ ?

ବାହା କରିବନି' ଭାବୁଛି । ଅନେକ ସମ୍ବନ୍ଧ ଆସୁଛି । କିନ୍ତୁ ଆପେଆପେ ଭାଙ୍ଗି ଯାଉଛି । ସ୍ୱାଧୀନ ଜୀବନର ସ୍ୱାଦ ବାହାହେଲେ ଆଉ କଣ ମିଳିବ ? ଜୀବନ ବନ୍ଧନ ଭିତରେ ରହି ଖାଲି ଆର୍ତ୍ତନାଦ କରିବ । ମୁଁ ସେସବୁ ସମ୍ଭାଳି ପାରିବ ନାହିଁ ।

ମୁଁ ବି' ଦିନେ ସେଇଆ ଭାବୁଥିଲି ଅଶା ! ଭାବୁଥିଲି ତରୁଣୀ ଗୋଟିଏ ଅଦ୍ଭୁତ ସୁନ୍ଦର ଫୁଲ । ତାର ଅନେକ ସୁବାସ, ଅନେକ ମାଧୁର୍ଯ୍ୟ । ସେ ଫୁଲକୁ ସଜାଡି ରଖିଲେ ଅନେକ ଦିନଯାଏ ସଜ ହୋଇ ରହେ , ସୁଗନ୍ଧ ବାଣ୍ଟି ଦୁନିଆକୁ ମାତାଲ କରେ । ଯୌବନ ମଧୁ ଲୋଭରେ ଅନେକ ଭ୍ରମର ଆଖିବୁଜା ଚକର କାଟନ୍ତି । କାନେ କାନେ ରୁନଝୁନ ଗୁଣୁ ଗୁଣୁ ହୋଇ ପ୍ରେମର ସଙ୍ଗୀତ ଗାଆନ୍ତି । ଟିକିଏ ଧୈର୍ଯ୍ୟ ଥିଲେ ପିଆସୀ ତରୁଣକୁ ନଚାଇ ଖେଳାଇ ପାରେ । ସେ ଯେତିକି ଆଗେଇବ ସେତିକି ଘୁଞ୍ଚି ଯାଉଥିବ । ଦେଖା ଦେଇ

ଧରି ଦେବନି’ । ଦେଖିବ ସେ ମନ ଭିତରେ କେମିତି ଜଳୁଛି । କିନ୍ତୁ ପରେ ଆଖି ଆଗରେ ଦେଖିଲି, ତରୁଣୀ ଶତ ଚେଷ୍ଟା କଲେବି’ ତାର ତାରୁଣ୍ୟ କୀଟ ଦଂଶ ହୁଏ । ଅଦିନିଆ କୁଆପଥର ଭଳି ବୟସ ଗଡ଼ି-ଗଲେ ସେ ସବୁ ମଉଳି ଯାଏ । ରୂପ ସରଗଲେ ମନର ଦମ୍ଭ ଭାଙ୍ଗି ଯାଏ । ଜଣକର ନିଶ୍ଚିତ ଆଶ୍ରୟ ପାଇବା ଲାଗି ବ୍ୟାକୁଳ ହୁଏ ମନ । ବିବାହ ହେବାର ଇଚ୍ଛା ପ୍ରବଳ ହୋଇ ଉଠେ । ତରୁଣୀ ଶେଷକୁ ବିବାହ କରେ । ପରପାଇଁ ନୁହେଁ — ନିଜପାଇଁ ।

ଆଶା ଓଠରେ ମୁଠାଏ ହସ ଖୁନ୍ଦି ହୋଇଗଲା । ସେ ହସ ପରିହାସର ହସ । ରୀତା ଦିନେ ଆଜୀବନ କୁମାରୀ ରହିବାକୁ କହୁଥିଲା । ଏବେ ବିବାହ ଗୃହରେ ଛୋଟ ହୋଇ ବୈବାହିକ ସମ୍ବନ୍ଧର ତାରିଫ୍ କରୁଛି । କିନ୍ତୁ ମନର ଭାବନାକୁ ଗୋପନ ରଖି ସେ ନଶୁଣିଲାଭଳି ଅନ୍ୟମନସ୍କ ରହିବାର ଛଳନା କଲା ।

ସୁମନ୍ତ ଆସି ରୀତାକୁ ବିବାହ ଶୁଭେଚ୍ଛା ଜ୍ଞାପନ କଲା ।

ରୀତା ହସିଲା ମୁହଁରେ ସୁମନ୍ତର ଶୁଭେଚ୍ଛାକୁ ଗ୍ରହଣକରି ଧନ୍ୟବାଦ ଦେଲା । ସେ ସୁଖୀ ଥିଲା ।

ସୁମନ୍ତ ଓ ଆଶା ଆଗପଛ ହୋଇ ସେ ଘରୁ ବାହାରି ଆସିଲେ । ବାହାଘରର ନିମନ୍ତ୍ରିତ ଅନେକ ସ୍ତ୍ରୀ ପୁରୁଷ ସେମାନଙ୍କୁ ଉତ୍ସୁକ ଆଖିରେ ଅନାଇ ରହିଥାନ୍ତି । ଆଖିରେ ଅନେକ ବିସ୍ମୟ, ଅନେକ ପ୍ରଶ୍ନ ଭରି ହୋଇଥାଏ । ଅବିବାହିତ ତରୁଣୀ କେଇଟି ସେମାନଙ୍କର ସମ୍ବନ୍ଧ ଜାଣିବାକୁ ତତ୍ପର ହୋଇ ଉଠିଥାନ୍ତି । ଆଡଆଖିରେ କଟାକ୍ଷ ହାଣୁଥାନ୍ତି ।

ସ୍ୱାମୀ ସ୍ତ୍ରୀ ହୋଇଥିବେ ବୋଧହୁଏ । ଜଣେ ବୟସୀ ନାରୀ ମନ୍ତବ୍ୟ ଦେଲା । ଓଠରେ ତାର ବଙ୍କୁଲି ହସ ।

କପାଳେ ସିନ୍ଦୁର କାହିଁ ? ଆଉଜଣେ ପଚାରିଲା ।

ମୁଣ୍ଡରେ ଓଢଣା ନାହିଁ କି ହାତରେ ଶଙ୍ଖାଖଡ଼ି ନାହିଁ ।

ସ୍ୱାମୀ ସ୍ତ୍ରୀ ହେବେ କେମିତି ? ବୁଢା ଜଣେ ପ୍ରଶ୍ନ କଲେ ।

ସୁମନ୍ତ ଓ ଆଶା ପରସ୍ପର ମୁହଁକୁ ଚାହିଁ ହସିଦେଲେ । ସୁମନ୍ତ ପଚାରିଲା, ଶୁଣିଲ ଆଶା ?

ଶୁଣିଲି - ଆଶା ଉତ୍ତର ଦେଲା । କଣ ଆପତ୍ତି କରିଥାନ୍ତ ?

ଆପତ୍ତି ନୁହେଁଯେ - ତେବେ ?

ତେବେ ଆଉ କଣ ? ନଜାଣିଲା ଲୋକ ଅନେକ ଭୁଲ କରନ୍ତି । ପଚାରି ବୁଝିନେବାର ସାହସ ନଥାଏ - ଅଥଚ ଅନୁମାନ କରି କନେଇ ଚୁନେଇ ଅନେକ କଥା କହନ୍ତି ।

ଗୋଟିଏ କଥା ପଚାରିବି କହିବ ? ସୁମନ୍ତ ପ୍ରଶ୍ନ କଲା ।

ଗୋଟିଏ କାହିଁକି ଯେତେ ଇଚ୍ଛା ସେତେ ପଚାରନ୍ତୁ । ଜାଣି-ଥିଲେ ନିଶ୍ଚୟ କହିବି ।

ଆମେ ଯଦି ବିବାହ କରନ୍ତେ ..........

ଆଶା ହସିଲା । କହିଲା - ଆମ ବିବାହରେ ଅନେକ ବାଣ ମରନ୍ତା । ବହୁତ ବନ୍ଧୁବାନ୍ଧବ ଆସି ଅଭିନନ୍ଦନ ଜଣାନ୍ତେ । ରୀତିର ବାହାଘର ଭଳି ଗୁଡ଼ାଏ ଧୁମ୍‌ଧାମ ହୁଅନ୍ତା । କିନ୍ତୁ ଆମର ଏ ବନ୍ଧୁତା ରହନ୍ତା ନାହିଁ କି ଆନନ୍ଦ ଭିହନ୍ତା ନାହିଁ ।

କେମିତି ? ସୁମନ୍ତ ଅସ୍ଥିର ହେଲା ।

ମୋ ମତରେ ବିବାହ ଗୋଟାଏ ବନ୍ଧନ । ସେ ବନ୍ଧନ ଦାସ ଓ ମୁନିବର । ତାର ଭିତରେ ଖୋଲା ବନ୍ଧୁତା ତିଷ୍ଠି ପାରେ ନାହିଁ । ତା' ଛଡ଼ା ମୁଁ ଏବେ ବିବାହର ଆବଶ୍ୟକତା କିଛି ଅନୁଭବ କରୁନାହିଁ । ଖେଳିବୁଲି ମଉଜରେ ଅଛେଁ । ଦିନ ଆନନ୍ଦରେ କଟି ଯାଉଛି । ବିବାହ ବନ୍ଧନରେ ଛନ୍ଦହୋଇ ଜୀବନର ସ୍ୱଚ୍ଛନ୍ଦ ଗତିକୁ ପଥରୋଧ କରିବାକୁ ମୁଁ ଚାହେଁନା - ଏତେବଡ ଜଞ୍ଜାଳକୁ ଜାଣି-ଶୁଣି ଟାଣିଆଣି ଏ ବିରାଟ ଭୁଲ କରିବାକୁ ଇଚ୍ଛା ନାହିଁ ।

ତଥାପି ଆଶା, ଦୁନିଆର ସମସ୍ତ ତରୁଣ ତରୁଣୀ ବିବାହ କରନ୍ତି । ନିର୍ଜୀବ ସାଥୀହୀନ ମଣିଷ ସାମୟିକ ଆନନ୍ଦ ଦେଲେହେଁ ତହିଁରେ ତୃପ୍ତି ନାହିଁ । ବିବାହବିହୀନ ଜୀବନ ସଂପୂର୍ଣ୍ଣ ନୁହେଁ । ବିବାହ ଜୀବନର ଯେତେ ବଡ଼ ଭୁଲ ହେଲେବି ତାକୁ ଛାଡ଼ି ଦେଇ ଜୀବନ ସଂପୂର୍ଣ୍ଣ ହୁଏନା ! ତୁମେ ଆଉଥରେ ବିଚାର କର ଆଶା !

ଆଶା ପ୍ରକାଶ୍ୟରେ ହସିଲା । ଉପହାସ କରି କହିଲା ସୁମନ୍ତବାବୁ, ଆଶା କୁମାରୀର ମନ ନେଇ ଜନ୍ମଗ୍ରହଣ କରିଛି । ସେ ସବୁଦିନେ କୁମାରୀ ହୋଇହିଁ ରହିବ । ଆପଣ ଯଦି ଆଶାକୁ ପତ୍ନୀ ରୂପରେ ପାଇବାକୁ ପରିକଳ୍ପନା କରିଥାନ୍ତି, ତେବେ ଜାଣିରଖନ୍ତୁ ସେ ଗୋଟିଏ ମସ୍ତବଡ ଭୁଲ ! ସେହି ଭୁଲକୁ ସଂଶୋଧନ କରିବାକୁ ମୁଁ ଯଥେଷ୍ଟ ସାହାଯ୍ୟ କରିବି । ପତ୍ନୀ ଅପେକ୍ଷା ବାନ୍ଧବୀର ଆଦର ଅନେକ ବେଶୀ ବୋଲି ମୋର ଧାରଣା । ତା'ଛଡ଼ା ବିବାହତ' ଜୀବନର ପ୍ରଧାନ ଲକ୍ଷ୍ୟ ନୁହେଁ ? ମୁଁ ତ ଦେଖୁଛି ଅନେକ କୁମାରୀ ସୁନ୍ଦର ଚଳୁଛନ୍ତି ।

ସୁମନ୍ତ ଆଶାର ଏହି ଅତ୍ରୁକିତ ଆକ୍ରମଣରେ ଅପ୍ରତିଭ ହେଲା । ତଥାପି ମନର ଭଗ୍ନମୁଖୀ ଅବସ୍ଥାକୁ ଘୋଡାଇ ରଖି କହିଲା, ମୁଁ ପ୍ରକୃତରେ ଭୁଲ କରୁଥିଲି ଆଶା ! ମୋତେ କ୍ଷମା ଦେବ । ମୁଁ ବିବାହ ହେବାକୁ ଇଚ୍ଛାକଲେ ହୁଏତ ବାପା ମା ଖୁସିହୋଇ ତାର ବ୍ୟବସ୍ଥା କରିବେ । ଆଉ ଆପଣଙ୍କ କୁମାରୀ ଜୀବନରେ ଅନେକ ବନ୍ଧୁ ମିଳିବେହିଁ ମିଳିବେ । ଅନ୍ତତଃ ତାହାହିଁ ମୋର ବିଶ୍ୱାସ । ସୁମନ୍ତର କଣ୍ଠରେ କାରୁଣ୍ୟ ଥିଲା ।

ଶ୍ରୀକାନ୍ତ ସେ ବାଟରେ ଚାଲିଯାଉଥିବା ଦେଖି ସୁମନ୍ତ ତାକୁ ପାଖକୁ ଡାକିଲା । ଶ୍ରୀକାନ୍ତର ଉପସ୍ଥିତି ହେତୁ ଆଶା ବାଟ କାଟି ଗୀତା ପାଖକୁ ଚାଲିଯିବାକୁ ବାଧ୍ୟହେଲା । ଶ୍ରୀକାନ୍ତ ସୁମନ୍ତର କାନପାଖରେ କହିଲା, ଆଶା ବଡ଼ଖିଆଲୀ ଝିଅଟିଏ ସୁମନ୍ତବାବୁ । ଇଚ୍ଛାକରି ଅଯାଚିତ

ଭାବରେ ଅପରିଚିତ ତରୁଣ ସଙ୍ଗରେ ମିଳାମିଶା କରେ । କିନ୍ତୁ ଅତି ନିକଟ ସମ୍ପର୍କରେ ଆସିବା ପୂର୍ବରୁ କରଛଡ଼ା ଦିଏ । ଗୋଟିଏ ରଙ୍ଗୀନ ଆଶା ତାର ଯେ, ସେ ଚିର-କୁମାରୀ ରହି ଜୀବନକୁ ଉପଭୋଗ କରିବ । କିନ୍ତୁ କୁମାରୀ ଜୀବନର ଉପଭୋଗ କଣ ତାହା ବିଶ୍ୱ ଅଭିଧାନରେ ଖୋଜି ମୁଁ ପାଇ ନାହିଁ । ତରୁଣୀ ମାନେହିଁ ଚାହାନ୍ତି ବିବାହ କରି ଆନନ୍ଦରେ କାଳାତିପାତ କରିବେ ! ଆଶା ତାହା ଚାହେଁନାହିଁ । ମୋ ମତରେ ଆଶା ତରୁଣୀ ସଂସାରର ଗୋଟିଏ ବ୍ୟତିକ୍ରମ ! ଆପଣଙ୍କ ମତ କଣ ?

ସୁମନ୍ତ ଦୀର୍ଘନିଃଶ୍ୱାସ ତ୍ୟାଗକରି କହିଲା- ଠିକ୍ କହୁଛ ଶ୍ରୀକାନ୍ତ !

ସୁମନ୍ତର ହସନ୍ତ ମୁହଁରୁ ସରସତା ଟିକକ କିଏ ଜୋର କରି ଛଡାଇ ନେଇଥିଲା ।

ନଂ ୦/716

ରୀତା ଶାଶୁ ଘରକୁ ବିଦାୟ ନେବା ପୂର୍ବରୁ ସୁମନ୍ତ ଓ ଆଶା ବିଦାୟ ନେଇ ଫେରି ଆସିଲେ । ଆଶା ଆସିଲାବେଳେ ଅନେକ ଦୁର୍ଭାବନା ସଙ୍ଗରେ ନେଇ ଆସିଥିଲା । ସେ ଚାହିଁଥିଲା ସରଳ ସୁମନ୍ତ ସାଥିରେ ସ୍ୱାଧୀନ ବିହାର କରିବ, ଗତାନୁଗତିକ ଶୃଙ୍ଖଳତା ତ୍ୟାଗକରି ନୀଳ ଆକାଶର ବିମୁକ୍ତ ବିହଙ୍ଗ ସାଜିବ । ପ୍ରଜାପତିଆ ମନକୁ ଫିକା ଗାଢ଼ା ରଙ୍ଗ ଦେଇ ନୀଳ ଆକାଶର ତରଙ୍ଗ ଭେଦ କରିବ । ସୁମନ୍ତର କୁମାର ମନ ତାରି ପାଦତଳେ ପ୍ରଣୟର ଅର୍ଘ୍ୟ ବାଢିବାବେଳେ ସେ ମନପୂରାଇ ତାକୁ ଗ୍ରହଣ କରିବ । କିନ୍ତୁ ତାହା ହେଲାନାହିଁ । ସୁମନ୍ତର ବିବାହ ପ୍ରସ୍ତାବ ସେ ମନ ଓ ଭାବନାକୁ ଅତି ନଗ୍ନ ଭାବରେ ପ୍ରତିହତ କଲା । ଆଶାର ମନ ଭାଙ୍ଗିଗଲା ।

ଘର ଭାଙ୍ଗିଲେ ଯୋଡ଼ ହୁଏ । ହାଡ ଭାଙ୍ଗିଲେ ମିଶିଯାଏ । କିନ୍ତୁ ମନ ଭାଙ୍ଗିଲେ ଆଉ ଯୋଡ଼ିହୁଏ ନାହିଁ କି ମିଶିଯାଏ ନାହିଁ । ଆଶା ଓ ସୁମନ୍ତ ମୁହଁଉପରେ ବନ୍ଧୁତାର ନକଲି ହସ ବାଢି ପରସ୍ପରକୁ ସମ୍ଭାଷଣ କରୁଥିଲେହେଁ ପେଟ ଭିତରଟା ପୋଡ଼ି ଯାଉଥିଲା, ଜଳି ଯାଉଥିଲା । ଉଭୟେ ଉଭୟଙ୍କ ଆଗରେ ପ୍ରତିପାଦନ କରିବାକୁ ଚାହୁଁଥିଲେ ଯେ ଅପର ଜଣକ ସାହାଯ୍ୟ ନ କଲେବି ସେ ବଞ୍ଚି ପାରିବ ।

ଦିନ ଆଗେଇ ଚାଲିଲା । ଆଶାର ବୟସ ବି........

ଆଶାର ବୟସ ବଢିବା ସଙ୍ଗେସଙ୍ଗେ ତାର ମନର ଉଦ୍ଦାମ ଭାବନା ସବୁ ବିଭିନ୍ନ ପରିସ୍ଥିତିରେ ନୂଆ ନୂଆ ରଙ୍ଗ ନେଲେ । ଯୌବନର ନିର୍ଦ୍ଦିଷ୍ଟ ବିକାର ଅବଦମିତ ହୋଇ ପରିବର୍ତ୍ତିତ ଆକାରରେ ପ୍ରକାଶ ପାଇବାକୁ ଲାଗିଲା । ଦିନେ ଗୋଟିଏ କ୍ଷୁଦ୍ର ସଂସାର ଜାଣିଲା, ଆଶା ମନ ଓ ଶରୀରର ଭାରସାମ୍ୟ ହରାଇ ବସିଛି । ମନକୁ କଠୋର କରି ଶରୀରକୁ ନିଷ୍ଠୁର ଭାବରେ ଆଘାତ କରି ଚାଲିଛି । ତାର ଯୌବନ, ମନ ସଙ୍ଗରେ ସମାନ ତାଲ ଦେଇ ଗତି କରି ପାରିନାହିଁ । କେତେଗୁଡ଼ିଏ ଅପରିଚିତ ଯୁବକର ଅସ୍ଥିର ଆହ୍ୱାନକୁ ସମ୍ମାନ ଦେଖାଇ ନାରୀତ୍ୱର ସମସ୍ତ ନିଷ୍ଠା ଓ ସମ୍ମାନକୁ ପଦଦଳିତ କରିଛି, ଅତି କରୁଣ ଭାବରେ । ଚଲାପଥରେ ତାର ନିର୍ଦ୍ଦିଷ୍ଟ ବନ୍ଧୁ କେହି ନାହାନ୍ତି । ଧୂଳି ଘରର ମଉଜ ପରି ଦୁଇଦିନିଆ ସାନ୍ନିଧ ଲାଭକରି ନିଜର ଚଲାବାଟରେ ସେମାନେ ଅନ୍ତର୍ଦ୍ଧ୍ୟାନ ହୋଇ ଯାଇଛନ୍ତି । ପଡ଼ିରହିଛି ମାନ ସମ୍ମାନ ବିହୀନ ଗୋଟିଏ ଅପରିପକ୍ୱ ମନର ଅଧିକାରିଣୀ-କୁମାରୀ ଆଶା ଦେବୀ । ମୁହଁରେ ତାର ସହସ୍ର ଯୁଗର କ୍ଳାନ୍ତି ଓ ପରାଜୟ । ତଥାପି ସେ ଶୁଖିଲା ମୁହଁରେ ହସେ । ସେ ହସରେ ହର୍ଷ ଅପେକ୍ଷା ବିମର୍ଷର ପରିମାଣ ଅତ୍ୟଧିକ ।

ଆଶାର ସାଙ୍ଗସାଥୀ ଗୋଟିଗୋଟି ହୋଇ ବିବାହ କଲେ । ଅସଂଖ୍ୟ ବିବାହ ଭୋଜିରେ ଯୋଗ ଦେଇ ସେ ବୁଝିଲା ଦୁନିଆଁଟା

ଖାଲି ଗୋଟିଏ ବିବାହ ସମ୍ବନ୍ଧର ଆୟୋଜନ ଓ ଉତ୍ସବ । ପ୍ରତି ମୁହୂର୍ତ୍ତିରେ ଯାହା କିଛି ଘଟି ଯାଉଛି ସେସବୁ ଖାଲି ପ୍ରେମ ଓ ପେଟ ପାଇଁ । ସୃଷ୍ଟି ଆଗେଇ ଚାଲିଛି ଓ ବିବାହ ତାଲିକାର କଳେବର ବଢୁଛି । ସନ୍ତାନକୁ ସ୍ତନ୍ୟଦାନ କରୁକରୁ ନାରୀ ଭାବୁଛି ତାର ଜନ୍ମ ସାର୍ଥକ ହେଲା, ଯୌବନ ସଫଳ ହେଲା । ଯୁବକ ମନମୁତାବକ ସାଥୀ ଖୋଜି ବିବାହ ଚୁକ୍ତିରେ ଅବଦ୍ଧ ହୋଇ ଯାଉଛି ।

ବିବାହ ଚୁକ୍ତି ବଡ ସାଙ୍ଘାତିକ । ଥରଟିଏ ପାଇଁ ତାର ଭିତରେ ପ୍ରବେଶ କଲେ ଜୀବନ ସାରା ମୁକ୍ତିର ଦ୍ୱାର ବନ୍ଦ ହୋଇ ଯାଏ । ଚୁକ୍ତିରେ ଦ୍ୱିଚୁକ୍ତି ଦେଖା ଦେଲେ କନ୍ଦଳ ବଢେ । ମୁଣ୍ଡ ପୋତି ମାନିନେଲେ ଜୀବନ ଜଞ୍ଜାଳର ଜଟିଳ ପରିସ୍ଥିତି ଭିତରେ ମନ ଛନ୍ଦୁଆ ହୋଇ ଯାଏ । ବିକାଶମୁଖୀ ମନ ଆତ୍ମକେନ୍ଦ୍ରିକ ହୋଇ ଉଠେ । ସ୍ୱାର୍ଥ ଓ ଲାଳସାର ବଶବର୍ତ୍ତୀ ହୋଇ ମଣିଷ ଅନେକ ଭୁଲ କରେ । ନାରୀ ପୁରୁଷର ଉତ୍ତେଜନାର ଆଧାର ହୁଏ । ତାର ନିଜତ୍ୱ ହଜିଯାଏ । ସେ ନିଜର ହୋଇ ରହେ ନାହିଁ, ହୁଏ ପୁରୁଷ ହାତର ଖେଳନା ଆଉ ପୁରୁଷର ଭୋଗ୍ୟ ସାମଗ୍ରୀ ।

ଆଶା ବିବାହ ତାଲିକାଟିଏ ଧରି ଚୁକ୍ତି ଓ ମୁକ୍ତିର ସଂଘର୍ଷ ଜନିତ କେତୋଟି ମର୍ମନ୍ତୁଦ ଘଟଣାବଳୀର ପାଣ୍ଡୁଲିପି ପ୍ରସ୍ତୁତ କଲା । ଅବିବାହିତ କୁମାର କୁମାରୀ ମାନଙ୍କ ଆଗରେ ବିବାହୋତ୍ତର ପରି-ସ୍ଥିତିର ଆଲୋଚନା କରୁକରୁ ମନ୍ତବ୍ୟ ଦେଲା, ବିବାହ ଜୀବନର ଗୋଟିଏ ବଳିଷ୍ଠ ବନ୍ଧନ । ଅତଏବ ତାକୁ ଆଡେଇ ଚାଲିଲେ ମୁକ୍ତ ଆତ୍ମାର ସମ୍ୟକ ବିକାଶ ସାଧନ କରିଯାଇ ପାରିବ । ନହେଲେ ପଦେ ପଦେ ବିପଦର ସମ୍ଭାବନା । ଜୀବନଟି ବିପଦ ସଙ୍କୁଳ ହୋଇ ଉଠିବ । ସାବଧାନ ହୁଅ - ହୁସିଆରରେ ଚାଲ !

କିଏ ବୁଝିଲେ ତ କିଏ ବୁଝି ସୁଝି ନ ଜାଣିଲା ଭଳି ଅବାକ୍

ହୋଇ ଅନେଇ ରହିଲେ । ଦରବୁଝା ମନ ଭିତରେ ଅଶା ଗୋଟିଏ ପ୍ରଶ୍ନବାଚୀ ହୋଇ ଛିଡା ହେଲା ।

"ବିବାହ ନାରୀ ଜୀବନର ସ୍ୱପ୍ନ" ଜଣେ କହିଲା ।

"ସୃଷ୍ଟି ନାରୀର କାମ୍ୟ" ଆଉଜଣେ ଉତ୍ତର ଦେଲା ।

"କିନ୍ତୁ କଣ୍ଟାଳ ଓ ପୀଡନ ?" ଅଶା ପଚାରିଲା ।

"କଣ୍ଟାଳ ଓ ପୀଡନହିଁ ନାରୀ ଜୀବନର ପରୀକ୍ଷା । କୃତକାର୍ଯ୍ୟ ହେଲେ ସେ ଦେବୀର ସମ୍ମାନ ପାଏ - ନହେଲେ ଅଧୋଗାମୀ ହୋଇ ସଂସାର ସୁଖରୁ ବଂଚିତା ହୁଏ - ଅନେକ ନାରୀ ମନ୍ତବ୍ୟ ପ୍ରଦାନ କଲେ ।

ତଥାପି ଅଶା ସନ୍ତୁଷ୍ଟ ହେଲା ନାହିଁ । କିନ୍ତୁ ଅଶାର ଉତ୍ତରରେ ଅନେକ ଅସନ୍ତୁଷ୍ଟ ହେଲେ । ସେମାନେ ସମସ୍ତେ ବିବାହ କଲେ । ସେମାନଙ୍କ ମତରେ ଜୀବନରେ ପ୍ରେମହିଁ ପରମ ସତ୍ୟ ଏବଂ ବୈବାହିକ ସମ୍ବନ୍ଧ ଦେଇ ଯେଉଁ ପ୍ରେମ ଗଢି ଉଠେ ତାହା ସୃଜନ-ମୁଖୀ ହୋଇଥିବାରୁ ଶାଶ୍ୱତ ଓ ଚିରନ୍ତନ । ସେହି ପ୍ରେମ ଉପରେ ନିର୍ଭର ଆଉ ବିଶ୍ୱାସ କରିହୁଏ । ସାମାଜିକ ମାନବ ତାକୁ ଅନୁମୋଦନ କରିଥିବାରୁ ସମାଜର ନୀତିଗତ ଶୃଙ୍ଖଳା ରହିବହିଁ ରହିବ । ଏହି ଶୃଙ୍ଖଳା ଭିତରେ ଅସାମାଜିକ ବିଶୃଙ୍ଖଳା ନାହିଁ । ତାହା ସକାଳର କିରଣଭଳି ଶୁଭ୍ର ଓ ସୁରମ୍ୟ । ଦେବତାଙ୍କ ଲେଖକରେ ସେ ପ୍ରେମକୁ ।

ମୁଗ୍ଧା ଅଶା ଭଳି ଅପ୍ସରୀ ନ ହେଲେ ବି ସୁନ୍ଦରୀ । ଅଶା ଆଖିରେ ସଂସାର ବାହାର ନିଶା - କିନ୍ତୁ ମୁଗ୍ଧା ଏଇ ମାଟି ଧୂଳିର

କାମନା ନେଇ ନିଜ ମନକୁ ନିଜେ ଗଢି ଶିଖନ୍ତି । ତରୁଣୀ ସୁଲଭ ଲଜ୍ଜ୍ୟାରେ ସେ ଭାଙ୍ଗି ପଡେ । ଆଖିରେ ଏତେ ଲଜ୍ଜା ଯେ ଅପରିଚିତ ତରୁଣକୁ ଅନାଇ ଦେଲେ ନଇଁ ଯାଏ । ଭୋଗ ବିଳାସର ତଥ୍ୟ ସ୍ୱପ୍ନ କରନ୍ତି ସେ । ଜୀବନ ତା'ଆଗରେ ସ୍ୱପ୍ନ ନୁହେଁ - ବରଂ ବାସ୍ତବତା ।

ତାର ସାବଳୀ ଦେହ, ସୁଗୋଲ ବାହୁ, କୋମଳ ଶରୀରରେ ସ୍ୱାଭାବିକ ଜ୍ୟୋତିର ସ୍ୱାକ୍ଷର ରହିଛି ।

ମୁଗ୍‌ଧା, ରୁପ ଗରବିଣୀ ଆଶା ଭଳି ପ୍ରଗଳ୍‌ଭା ନୁହେଁ । ଆଶାର ରୂପାଲୋକରେ ଅନେକ ପ୍ରେମିକ - ପତଙ୍ଗର ଲୁଚକାଳି ଖେଳ ଚାଲେ, କିନ୍ତୁ ମୁଗ୍‌ଧାର ରୂପରେ ଦେବୀର ଆଲୋକ ଦେଖି ପତଙ୍ଗର ପର ବିଚ୍ୟୁତ ହୁଏ । ଆଶା ଯୌବନର ରକ୍ତିମାକୁ ଅଧିକ ଆରକ୍ତ କରିବା ସକାଶେ ପ୍ରସାଧନର ସାହାଯ୍ୟ ନିଏ, କିନ୍ତୁ ମୁଗ୍‌ଧା ଯୌବ-ନର ସ୍ୱଭାବସୁଲଭ ରକ୍ତିମାରେ ସବୁଦିନ ସମୁଜ୍ଜ୍ୱଳ । ଆଶା ରହସ୍ୟର ସ୍ତୁପ - କିନ୍ତୁ ମୁଗ୍‌ଧା ଫୁଟନ୍ତା ଫୁଲ ଭଳି ମୁକ୍ତ ଓ ବାସ୍ତବ । ଆଶାର ମନ ଭିତରେ ଅନେକ ଆଶଙ୍କା, ଅନେକ ଦ୍ୱନ୍ଦ । କିନ୍ତୁ ମୁଗ୍‌ଧା ନିଃଶଙ୍କ ଅଭ ନିର୍ଦ୍ୱନ୍ଦ । ଜଣେ ଆକାଶ - ଆଉ ଜଣକ ପାତାଳ ।

ଆଶା ଓ ସୁମନ୍ତର ସମ୍ବନ୍ଧ ଅତି କ୍ଷୀଣ ଅଧିକ ଅସ୍ପଷ୍ଟ ହୋଇ ଆସିଲା ବେଳେ ମୁଗ୍‌ଧା ଓ ସୁମନ୍ତ ମଧ୍ୟରେ ବନ୍ଧୁତା ଦୃଢ ଓ ଗଭୀର ହୋଇ ଆସୁଥିଲା । ଦୁହେଁ ଦୁହିଁଙ୍କୁ ବୁଝିବାକୁ ଚେଷ୍ଟା କରୁଥିଲେ ।

ଆଶାର ଯେଉଁ ରଙ୍ଗ ଯେଉଁ ଢଙ୍ଗ ଦେଖି ସୁମନ୍ତ ଦିନେ ଆକୃଷ୍ଟ ହୋଇଥିଲା ଏବେ ବୁଝିଲା ସେ ରଙ୍ଗ, ସେ ଢଙ୍ଗ ସବୁ କୃତ୍ରିମ । ଭିତରେ ପ୍ରାଣ ନାହିଁ କି ପ୍ରାଣର ଫୁଆର ନାହିଁ ମୁଗ୍‌ଧା ପତଙ୍ଗର ମରଣ ଶଯ୍ୟା । ଆଶା ରଙ୍ଗୀନ ନିଶାର ପୁରିଲା ପାତ୍ରଟିଏ । ତାକୁ ପିଇଲେ ତୃଷା ବଢେ - ଆଖିରେ ତୃଷ୍ଣା ଜାଗେ । କିନ୍ତୁ ମୁଗ୍‌ଧା ସ୍ନିଗ୍‌ଧ ଶୀତଳ ଜଳ ପାତ୍ର । ତୃଷାର୍ତ୍ତର ଓଠରେ ବାଜିଲେ ଶାନ୍ତି ଆସେ - କ୍ଲାନ୍ତି ମରିଯାଏ ।

କୌଣସି ରୂପସୀ ତରୁଣୀର ପ୍ରେମରେ ପଡ଼ିଥିଲେ ପୁରୁଷକୁ ତାର ସମସ୍ତ ଅବଗୁଣବି ଗୁଣମୟ ଜଣାଯାଏ । ସୁମନ୍ତର ମନ ଉପରେ ଆଶାର ରୂପ ତରଙ୍ଗତୃଷ୍ଣା ବିସ୍ମୟ ଦେଇଥିଲା । ଆଶା ପାଖରୁ ଦୂରେଇ ଯାଇ ସୁମନ୍ତ ଯେତେବେଳେ ପରୀକ୍ଷକର ଆଖି ନେଇ ଦେଖିଲା ସେତେବେଳେ ଆଶାର ପ୍ରକୃତ ସ୍ୱରୂପ ଜଣା ପଡ଼ିଲା ! ଆଶା ନାରୀର ସ୍ୱାଭାବିକ ଧର୍ମଠାରୁ ଦୂରେଇ ଯାଇଛି । ଅନ୍ଧକାର ଭବିଷ୍ୟତର ନିରାକାର ସ୍ୱପ୍ନର ଅଡୁଆ ଖିଅକୁ ସାଜିବାରେ ଲାଗିଛି । ତାର ଖିଆଲି ମନରେ ଏମିତି ଗୋଟିଏ ଭବିଷ୍ୟତ ନାଚୁଛି ଯେଉଁଠି କ୍ରୀଡ଼ା ଅଛି, କୌତୁକ ଅଛି ଆଉ ଅଛି ଆମୋଦର କୁହା କୁହା ସ୍ୱପ୍ନ । ଶରୀରର ଅମାପ ବାସନା ଲାଳସାକୁ ଚରିତାର୍ଥ କରିବାକୁ ଅନେକ ଆଲୋକ, ଅନେକ ବିଳାସ । କିନ୍ତୁ ତହିଁରେ ଗତାନୁଗତିକ କନ୍ଦନ ନାହିଁ କି କୋଳାହଳ ନାହିଁ ।

ସୁମନ୍ତ କିନ୍ତୁ ଠିକ୍ ବୁଝିଥିଲା ଜୀବନ ଗୋଲାପ ପାଖୁଡ଼ାର ନରମ ଶେଯ ନୁହେଁ—ତହିଁରେ କୁସୁମର ସୁବାସ ସଙ୍ଗେସଙ୍ଗେ କଣ୍ଟକର ବିଦଗଧ ସ୍ପର୍ଶ ରହିଛି । ଜୀବନ ସୁଖ ଓ ଦୁଃଖ, ଆନନ୍ଦ ଓ ଅବସାଦର ଗୋଟିଏ ମିଶ୍ରିତ କଳସୀ । ମଣିଷ ବଞ୍ଚିଥିବା ଯାଏ ହସେ ଓ କାନ୍ଦେ, ହାରେ ଓ ଜିତେ । ବୟସ ବେଳେ ଯେତିକି ସ୍ୱପ୍ନ ଦେଖେ ବାର୍ଦ୍ଧକ୍ୟ ବେଳେ ସେତିକି ସତର୍କ ରହେ । ଯେଉଁ ନାରୀର ଅନ୍ତର ଭିତରେ ସ୍ନେହ ନାହିଁ କି ସହାନୁଭୂତି ନାହିଁ ସେ ନାରୀ ନୁହେଁ ପଥରର ପ୍ରତିମା । ତାକୁ ଜୀବନରେ ଉପଭୋଗ କରିହୁଏ, ଉପଯୋଗ ନୁହେଁ ।

ମୁଗ୍ଧା କହେ ପ୍ରେମ ନିର୍ଜୀବ ରୂପର ରଙ୍ଗୀନ ପରଦା ନୁହେଁ । ସ୍ନୋ, ପାଉଡ଼ର, ଶାଢୀ କିମ୍ବା ସୁବାସିତ ତୈଳ ଉପରେ ଭରି ଦେଇ ଯେଉଁ ପ୍ରେମ ଗଢିଉଠେ ତାହା ସଂପୂର୍ଣ୍ଣ କାଳ୍ପନିକ । ପ୍ରେମର ବିକାଶ ହୁଏ ହୃଦୟରେ । ଶରୀରର ପତନ ହୁଏ, କିନ୍ତୁ ପ୍ରେମ ଅମର

ରହେ । ପ୍ରେମ କେବେହେଲେ ପରାଜିତ ହୁଏନା - ପରାଜିତ ହୁଏ ମନର ସୌଖୀନ ବିଳାସ । ସମ୍ଭୋଗ - ଭାତର ମନ ଖାଲି ଅଥୟ ହୋଇ କ୍ରନ୍ଦନ କରେ ।

ମୁଗ୍ଧା ନିଜର ଗୁଣର ପ୍ରଭାବରେ ସୁମନ୍ତକୁ ଆକୃଷ୍ଟ କଲା । ଆଖିରୁ ତାର ମାୟାର ଅଞ୍ଜନ ମରି ଯାଇଥାଏ । ବୟସ ବଢିବା ସଙ୍ଗେ ଚିନ୍ତାଶୀଳ ଦୃଷ୍ଟି ଅଧିକ ପ୍ରଶସ୍ତ, ଅଧିକ ବ୍ୟାପକ ହୋଇ ଉଠିଥାଏ । ସେଇଠି ଖିଆଲି ମନର ବିକ୍ଷିପ୍ତ ଭାବନା ନାହିଁ - ଅଛି ଦୁନିଆଁକୁ ବୁଝିବାର ପ୍ରବଳ ଚେଷ୍ଟା, ପ୍ରଖର ସାଧନା ।

ବାଘୁଣୀ ହାତରୁ ଶିକାର ଛଡ଼େଇ ନେବା ସହଜ ନୁହେଁ - ଆଶା ମୁଗ୍ଧା ସଙ୍ଗରେ ପ୍ରତିଯୋଗିତା ଆରମ୍ଭ କରିଦେଲା । ସେ ନିଷ୍ଠୁର ହୋଇ ମୁଗ୍ଧା ଓ ସୁମନ୍ତର ଅନେକ ଦୁର୍ନାମ କଲା । ରୀତା ଓ ସିପ୍ରା ପାଖକୁ ବି' ବାରମ୍ବାର ସେ କଥା ଲେଖିଲା । ରୀତା ଉତ୍ତର ଦେଲା—ତୁ କଣ ସୁମନ୍ତର ପ୍ରେମ-ଫାଶରେ ପଡ଼ିଗଲୁ କିଲୋ ? ନହେଲେ ସୁମନ୍ତ କଣ କଲା କି ନକଲା ତାର ଖବର ନିଅନ୍ତୁ କାହିଁ ? ଆଉ କାହା କଥାରେ ତୋରତ ମୁଣ୍ଡ ବଥାଏ ନାହିଁ ? ଏବେ କଣ ପ୍ରେମ କରି ହେଲାକି ? ସିପ୍ରା ସେମିତି ଅତିଶୀଘ୍ର ଉତ୍ତର ଦେଲା । କିନ୍ତୁ ତାର ଉତ୍ତର ଟିକିଏ ଭିନ୍ନ । ଲେଖିଥିଲା ମୁଗ୍ଧା ଓ ସୁମନ୍ତକୁ ପ୍ରେମଭୂତ ଲାଗିଛି ଲୋ ! ସେ ଭୂତ ଛଡାଇବା ବଡ଼ କଷ୍ଟ । ଦୂରରୁ ଥାଇ ଅନିସା କଲେ ଅନେକ ମଜା ! ଉନ୍ମତ୍ତ ତରୁଣ ତରୁଣୀ ରଙ୍ଗୀନ ନିଶାରେ ପାଗଳ ହୋଇ ଦୁନିଆଁକୁ ଭୁଲିଯାନ୍ତି । କିନ୍ତୁ ଦିନ କେଇଟି ପରେ ସେ ନିଶା ଆପେଆପେ ଫିକା ପଡ଼େ । ଦେହ କ୍ଲାନ୍ତ ଓ ମନ ଓଜନିଆ ଜଣାପଡ଼େ । ଜୀବନର ସମସ୍ତ ବିକାଶ, ସମସ୍ତ ସ୍ୱପ୍ନ ସମାଧି ନିଏ ସେଇଠି । ତୁ ତୁନି ରହି ଟିକିଏ ଅପେକ୍ଷା କରନା, ଦେଖିବୁ ମୁଗ୍ଧା ଓ ସୁମନ୍ତର ପ୍ରେମିକ ଜୀବନ କି କଲବଲି, କି ହନ୍ତସନ୍ତ !

ଦିନେ ସମସ୍ତଙ୍କୁ ବିସ୍ମୟ କରି ମୃଗଧା ଓ ସୁମନ୍ତ ବିବାହ ଦିନ ନିର୍ଦ୍ଧିଷ୍ଟ କଲେ । ନିମନ୍ତ୍ରଣ ପତ୍ର ପାଇ ଆଶା ଓ ସିପ୍ରା ଚକିତ ହେଲେ । କିନ୍ତୁ ବିବାହିତା ରୀତା ମୋଟେ ହେଲେ ଆଶ୍ଚର୍ଯ୍ୟ ହେଲି ନାହିଁ । ସେ ଠିକ୍ ରୂପେ ଜାଣିଥିଲା ସୁମନ୍ତ ଦିନେ ବିବାହ ହେବ ଓ ମୃଗ୍‌ଧାଙ୍କ' ଅବିବାହିତୀ ରହିବ ନାହିଁ । ମନର ଖିଆଲ ନେଇ ଆଧୁନିକ ଯୁବକ ଯୁବତୀ କେତେଦିନ ଏପାଖ ସେପାଖ ହୁଅନ୍ତି । ପୁଣି ଭୁଲା ମନ ବୁଲିଯାଏ । ସେ ସଂସାରମୁଖୀ ହୁଏ । ଶିକ୍ଷିତା ସ୍ତ୍ରୀ ପୁରୁଷ ସିନା ବିବାହକୁ ଗୋଟିଏ ସମସ୍ୟା ବୋଲି ଭାବି ବସନ୍ତି - କିନ୍ତୁ ଅଜଣା ପଲ୍ଲୀର ଅଶିକ୍ଷିତ ତରୁଣ ତରୁଣୀ ସେ ସମ୍ବନ୍ଧରେ ଏତେଟିକେ ହେଲେ ଭାବନ୍ତି ନାହିଁ । ଜୀବନର ସାଥୀ ନିଷ୍ଟସ୍ତ କରିବାକୁ ସେମାନେ ସେତେ ଗୁରୁତ୍ୱ ଦିଅନ୍ତି ନାହିଁ, ଜୀବନକୁ ମିଳିମିଶି ଆଗେଇ ନେବାକୁ ସେତିକି ନଜର ତାଙ୍କର । ବିବାହିତ' ହେବହିଁ ହେବ - ସେଇଥି ପାଇଁ ଏତେ ଘୁଷୁରେଇ କାହିଁକି ? ରୀତା ମତରେ, ନାରୀର ସର୍ବ-ଶ୍ରେଷ୍ଠ ପ୍ରାପ୍ତି ମାତୃତ୍ୱ । ନାରୀ ଜୀବନ ବଡ଼ ଦୁର୍ବଳ - ସେଇଥି ପାଇଁ ସେ ଜଣଙ୍କର ଆଶ୍ରା ନିଏ । ତାପରେ ସଂସାର ବନ୍ଧନରେ ବାନ୍ଧି ହୋଇ ପଡ଼େ । ତାର ସରଳ, ସହିଷ୍ଣୁ ଗୁଣରେ ପୁରୁଷର ସହସ୍ର ଦୋଷକୁ କ୍ଷମା ଦିଏ । ଯେଉଁ ସ୍ତ୍ରୀ ଅଜଣା ପୁରୁଷକୁ ନିଜର କରିପାରେ ନାହିଁ ସେ ସ୍ତ୍ରୀ ନୁହେଁ - ଅଉ କିଛି ।

ନାରୀର ଧୈର୍ଯ୍ୟ, ତ୍ୟାଗ, ସେବା ଓ ପ୍ରେମ ଦେଖି ପୁରୁଷ ତାକୁ ଶ୍ରଦ୍ଧା କରେ, ଭକ୍ତିକରେ ଓ ଦେବୀ ବୋଲି ସମ୍ବୋଧନ କରେ ।

ନାରୀ ସଙ୍ଗୀତର ଉତ୍ସ, ସୃଜନର ଭଣ୍ଡାର । ତାର ଅସଲ ଜୀବନ ହେଉଛି ଘର ଯେଉଁଠି ସୃଷ୍ଟି, ସ୍ଥିତି, ଆନନ୍ଦ ଓ ଆହ୍ଲାଦର ନିତ୍ୟ ନବୀନ ରସ ଲାଗିଥାଏ । ସ୍ୱର୍ଗ ଓ ମର୍ତ୍ତ୍ୟର ତଫାତ୍ ଜଣା ପଡ଼େନାହିଁ ।

କିନ୍ତୁ ଆଶା ! ତାର୍ ଆଖିରେ ଦେଖାଗଲା ଭଗ୍ନ ହୃଦୟର କରୁଣ ଅଶ୍ରୁ । ସେ ଅଶ୍ରୁରେ ଅନେକ ବ୍ୟଥା, ଅନେକ କ୍ରନ୍ଦନ । ସେ ଏକ ବିରହୀ ପକ୍ଷୀପରି ନିଃସଙ୍ଗ ନୀଡ଼ରେ ବସି ନିଜର ନିର୍ଜନତାକୁ ଗଭୀର ଭାବେ ନିରୀକ୍ଷଣ କରିବାକୁ ଲାଗିଲା । ସେଇଠି ନଥିଲା ଯୌବନର ଉଲ୍ଲାସ କି ଜୀଇଁବାର ଆଗ୍ରହ । ଜୀବନ ଥିଲା ନିଃସଙ୍ଗ, ନିର୍ଜନ । ଏତେଦିନ ଧରି ସୁମନ୍ତଙ୍କୁ ହେୟ ଆଖିରେ ଅନାଇ ଆସିଥିଲା । ଆଜି ସେ ଆଖିରେ ସୁମନ୍ତର ମୂଲ୍ୟ ଅନେକ ବଢି ଯାଇଛି । ତାର ଯଦି ଶକ୍ତି ଥାଆନ୍ତା ତେବେ ସେ ମୁଗ୍ଧାକୁ କ୍ଷତବିକ୍ଷତ କରି ସୁମନ୍ତଙ୍କୁ ନିଜ ଛାତିକୁ ଆଉଜାଇ ଆଣନ୍ତା । ଚୁପ୍ ଚୁପ୍ କହନ୍ତା - ମୋର ଭୁଲ ହେଲା ସୁମନ୍ତ ! ମୁଁ ପତ୍ନୀ ରୂପରେ ବାନ୍ଧବୀ ହେବାକୁ ଚାହେଁ । କିନ୍ତୁ ତାର ମନେ ହେଲା ସେ ଯେମିତ ଗୋଟିଏ ପକ୍ଷକଟା ପକ୍ଷୀ । ଉଦ୍‌ଭ୍ରାନ୍ତ ମନରେ ତାର ଅନେକ କ୍ଳାନ୍ତି, ଅନେକ ଭ୍ରାନ୍ତି । ସେ ଆଉ ଆଗେଇ ପାରିବ ନାହିଁ । ସେ ସାହସ ଆଉ ତାର ନାହିଁ ।

ତରୁଣୀ ରୂପସୀ ହେଲେ ଗର୍ବରେ ବେଲୁନ୍ ଭଳି ଫୁଲି ଯାଏ । ତରୁଣ ପାଖେଇ ଆସିଲେ ତାକୁ ଫୁଟବଲ୍ ଭଳି ଫିଙ୍ଗି, ଦୂରରୁ ଥାଇ ମଜା ଦେଖେ । ସେ ଭାବେ, ରୂପ ଥିଲେ ଅନେକ ତରୁଣ ଆସିବେ । ଦେହ ଲାବଣ୍ୟର ସୁଗନ୍ଧ ବାଟି ଉନ୍ମତ୍ତ ପୃଥିବୀକୁ ଉନ୍ମାଦ କରିବ । ପୁରୁଷର ମନ ଓ ହୃଦୟରେ ଆଘାତ ଦେଇ ଆନନ୍ଦ ଆହରଣ କରିବ । କିନ୍ତୁ ବାରମ୍ବାର ଆଘାତ ପାଇ ଯଦି ତରୁଣ ଆଉ ଫେରି ଆସେନା ? ଘରେ ସମ୍ପଦ ଅଛି କିନ୍ତୁ ଉପଭୋଗ କରିବାକୁ ସନ୍ତାନ ନାହିଁ, ଦେହରେ ସୌନ୍ଦର୍ଯ୍ୟ ଅଛି ଅଥଚ ପ୍ରଶଂସା କରିବାକୁ ସାଥୀ

ନାହିଁ । ଅଣା ଠିକ୍ ଏଭଳି ମାନସିକ ଦୃଷ୍ଟିରେ ମ୍ରିୟମାଣ ହୋଇ ପଡ଼ୁଥିଲା ।

ତଥାପି ସିପ୍ରା ଓ ଅଣା ମୁଗ୍‌ଧାର ବାହାଘରକୁ ଆସି ଯୋଗ-ଦାନ କଲେ । କାଖରେ ପିଲା ନେଇ ରୀତାବି ଆସିଥିଲା । ସୁମନ୍ତ ଓ ମୁଗ୍‌ଧା ଆନନ୍ଦ ହେଲେ ।

ଅଣା ନିଜର ବିଷଣ୍ଣ ମନକୁ ଲୁଚାଇବାକୁ ବହୁମୂଲ୍ୟ ବନାରସୀ ଶାଢ଼ୀ ଓ ଫୁଲପକା ସିଲ୍‌କ ବ୍ଲାଉଜ୍ ଲଗାଇ ଥିଲା । ବେକରେ ଖଣ୍ଡେ ଦାମୀ ନେକ୍‌ଲେସ ଓ କାନରେ ଆଧୁନିକ ଡିଜାଇନର ମଣି ଲଗା ଦୁଲ୍ ଲଗାଇ ଥାଏ । କପାଳର କୁଙ୍କୁମ ଓ ଆଖି ପତାର ସରୁ କଜଳ ଗାର ଅତ୍ୟନ୍ତ ଲୋଭନୀୟ ଦେଖା ଯାଉଥାଏ । କାହା ପାଇଁ ଏ ବେଶ ? ଅଣା କାହାକୁ ମୋହିତ କରିବାକୁ ଚାହେଁ ? ସେ ମୁଗ୍‌ଧା ସଙ୍ଗରେ କରମର୍ଦ୍ଦନ କରି ସୁମନ୍ତକୁ ନମସ୍କାର କଲା । ନମସ୍କାର କଲାବେଳେ ଡାହାଣ ହାତର ନୀଳ ପଥର ବସା ଦାମିକା ମୁଦି ସବୁ ଝଟକି ଯାଉଥାଏ । ଏ ସବୁ ସତ୍ତ୍ୱେବି ଅଣା ଭାବନା ଭିତରେ ଭାରାକ୍ରାନ୍ତ ଦେଖା ଯାଉଥିଲା ।

ସିପ୍ରା, ଅଣାର ଅନନ୍ୟ ରୂପସମ୍ଭାର ଦେଖି ମନେମନେ ହସିଲା । ପ୍ରକାଶ୍ୟରେ ପଚାରି ଦେଲା, ନିକଟ ଭବିଷ୍ୟତରେ ତୋର ବାହାଘରତ ହେଉନି ଅଣା ? ଅଣା ମନଧରି ହସ ହସିଲା । ସେ ହସରେ କ୍ରନ୍ଦନର ସୁସ୍ପଷ୍ଟ ସ୍ୱାକ୍ଷର ଥିଲା । ନିର୍ଜୀବ କଣ୍ଠରେ କହିଲା, ଭଗବାନଙ୍କର ବିଚାର ଥିଲେ ହେବ ! ଅଣା ଜୀବନରେ ପ୍ରଥମଥର ପାଇଁ ଭଗବାନ-ଙ୍କର ନାମ ନେଲା ।

ବିବାହିତ କରିବାର ଥିଲା ସୁମନ୍ତକୁ ଛାଡ଼ିଦେଲୁ କାହିଁକି ? ସିପ୍ରା ପଚାରିଲା ।

ସୁମନ୍ତ ମୋର ବନ୍ଧୁ ବୋଲି । ଆଉ ବିବାହ ବନ୍ଧନ ବନ୍ଧୁ-ଭିତରେ ଚଳେନା ।

ଅଉ କଣ ଖନ୍ଦୁଟିଏ ଯୋଗାଡ଼ କରୁଛୁ ? ଯାହା ସାଥୀରେ ଦିନରାତି କରି କଳିଆ କରିବୁ !

ବିବାହ ହେଇଯିବ ! ନୁହେଁତ ଅଉ କଣ ? ତାପରେ ସୁମନ୍ତ ପାଖରେ ଆମୋଦର ବ୍ୟବସ୍ଥା କରିବାକୁ ଧନ କାହିଁ ? ବିବାହିତ ବିଳାସର । ତା'ପାଇଁ ପ୍ରଚୁର ଧନ ଦରକାର । ଆଶାର ଉତ୍ତରରେ ବ୍ୟଙ୍ଗ ଥିଲା ।

ଖାଲି ଧନ ନୁହେଁଲୋ ଆଶା ! ମନ ବି । ଧନକୁ କିଏ କଣ ବିବାହ କରେ ? ବିବାହ କରିବୁ ଯଦି ବାଛି ବାଛି ସୁମନ୍ତ ଭଳି ମଣିଷ-ଟିଏ ଦେଖି ବିବାହ କର । ଜୀବନ ସାର୍ଥକ ହେବ - ଯୌବନ ସଫଳ ହେବ ! ଗୀତା ଅକସ୍ମାତ୍ ପହୁଞ୍ଚିଯାଇ ଉତ୍ତର ଦେଲା ।

ନବବିବାହିତା ଗୀତାର ଦେହ ଏବେ ଶ୍ରାବଣ ନଈ ଭଳି ଉଚ୍ଛୁଳି ଉଠୁଛି । ଦେହର କାନ୍ତି ଦଗ ଚହଟାଇ ଦେଉଛି । ଆଖିରେ ତାର ପୂର୍ଣ୍ଣତାର ହସ । ଲାଲଗାଲ, ଲାଜକୁଣ୍ଠା ମୁହଁ । ଦେହସାରା ଯୌବନ ଖନ୍ଦି ହୋଇଛି ଯେମିତି । ଆଖିରେ କଜଳ, କପାଳେ କୁଙ୍କୁମ୍ ଓ ସୀମନ୍ତରେ ସିନ୍ଦୂରର ସ୍ପର୍ଶ ଅତ୍ୟନ୍ତ ଲୋଭନୀୟ ଦେଖା ଯାଉଛି । ମାତୃତ୍ୱର ପୂର୍ଣ୍ଣଭାରେ ଗୀତା ଦେବୀଟିଏ ଭଳି ସୁନ୍ଦର ଦିଶୁଛି ।

ଗୀତାର ଜୀବନ-ଯୌବନ ସାର୍ଥକ ହୋଇଛି ବୋଧହୁଏ ! କାହିଁରେ କଣା ନାହିଁ କି ଅଭାବ ନାହିଁ । ସିପ୍ରା ମନ୍ତବ୍ୟ ଦେଲା ।

ଅଭାବତ ମଣିଷର ସାଥୀଲୋ ସିପ୍ରା ! ସିଏ ମଣିଷର ଛାଇ । ବଞ୍ଚିଥିଲା ଯାଏ ଲାଗିରହିଛି । ଏହି ଅଭାବ ଭିତରେ ମୁଁ ଯାହା ପାଇଛି ତୁମେ ପାଇନାହଁ । ଖାଲିଟାରେ ହାତ ବଢାଇଛ । ଈଶ୍ୱର କରନ୍ତୁ ଶୀଘ୍ର ତୁମେ ପ୍ରାପ୍ତିର ସଂଧାନ ପାଅ । ସୁଗୃହିଣୀ ହୁଅ ।

ଗୀତାର ସବଳ ସୁସ୍ଥ ସନ୍ତାନକୁ ସଭିଏ ଟିକିଏ ଟିକିଏ ଟେକି ନେଇ ଗେଲ୍ କଲେ । ଅଉଟା ଦୁଧ ଭଳି ନରମିଆ ଦେହ । କଳା

ମଚମଚ ବାଳ, ଅଙ୍କିଲ୍‌ଭଳି ଭ୍ରୂଲତା । ତାର ଛନଛନିଆ ଅଖିରେ ଅନେକ ଆନନ୍ଦ, ଅନେକ ଉଲ୍ଲାସ । ଅଶାର ଛାତି ଉପରେ ଲାଖି ରହି ସେ ତାର ଓଠ ଓ ଗାଲକୁ ଅଙ୍କିବାରେ ଲାଗିଲା । ତାର ସରଳିଆ ଭାବ ସମସ୍ତଙ୍କୁ ଆନନ୍ଦ ଦେଲା । ଆଶା ଇଚ୍ଛା କରୁଥିଲା ଏହି ସରଳ ସୁନ୍ଦର ଦେବଶିଶୁକୁ ଅନେକ ସମୟ ଧରି ଛାତି ଭିତରେ ଚାପି ରଖି ଅସଂଖ୍ୟ ଚୋକ ଦିଅନ୍ତା । କିନ୍ତୁ ସଂକୋଚରେ ସେତକ କରିପାରିଲା ନାହିଁ ।

ତୋର ଏ ସୃଷ୍ଟିଟି ତ ଅତି ଚମତ୍କାର ହୋଇଛି ରୀତା ! ଆଜି ଏହାର ସୃଷ୍ଟିକର୍ତ୍ତା ? ସିପ୍ରା ପଚାରିଲା ।

କୌଣସି ନାରୀ ନିଜ ସ୍ୱାମୀର ଯେତେ ଅବଗୁଣ ଥିଲେବି ପର ସ୍ତ୍ରୀ ଆଗରେ ପ୍ରଶଂସା କାଢେ । ରୀତା ହସିହସି ଉତ୍ତର ଦେଲା, ଚିହ୍ନିନୁ ? ସନ୍ତାନଠୁ ବଳି ଅଛନ୍ତି ସୁନ୍ଦର, ଅଛନ୍ତି ଶ୍ରୀମନ୍ତ ସିଏ ।

ସେମାନେ ହସଖୁସିରେ ଅନେକ କଥା ହେଲେ । ବେଳକେମିତି ଗଡ଼ିଗଲା ଜଣାପଡ଼ିଲା ନାହିଁ । ଅତୀତ ସମସ୍ତଙ୍କୁ ଭୁଲାଇ ରଖିଥିଲା ।

ସୁମନ୍ତ ଓ ମୃଗଧାର ବିବାହ ସଙ୍ଗେ ରୀତାର ସନ୍ତାନକୁ ଦେଖି ଆଶାର ଅନେକ କଥା ମନେ ପଡିଲା । ଅତୀତର ସ୍ନେହ ମଧୁର ଦିନ ଗୁଡ଼ିକ ଆଖି ଆଗରେ ଆପେ ଆପେ ଝଲସି ଉଠିଲେ । ଦଶ ବର୍ଷ ହେଲାଯାଏ ବାପ ମା ଙ୍କର ଅନେକ ଆଦର, ଅନେକ ସ୍ନେହ ପାଇ ଆସିଥିଲା । ସନ୍ତାନ ସନ୍ତତି ନଥିବାରୁ ପୁଅ ଓ ଝିଅ ଉଭୟର ପ୍ରତିନିଧି ହୋଇ ବସିଥାଏ । ଧନୀ ପିତାର ସନ୍ତାନ ହେତୁ ସାହି ପଡିଶା ସମସ୍ତଙ୍କର ସ୍ନେହ ଓ ସହାନୁଭୂତିର ପାତ୍ରୀ ଥିଲା । ଦିନ ବିତିଗଲା । ଘରେ ଦାସ ଦାସୀଙ୍କ ସମାଗମ ହେତୁ ମାତୃ ବିୟୋଗ ସେତେ ଜଣା ପଡିଲା ନାହିଁ । ଅଶାକୁ ସୁଖୀ ରଖିବାକୁ ଦିଗମ୍ବର ବାବୁ ପୁନର୍ବିବାହ କଲେ ନାହିଁ । ଆଶା ବୟସରେ ବଢିବାକୁ ବସିଲେହେଁ ମନରୁ ତାର ପିଲାଳିଆ ଖିଆଲ ଛାଡିଲା ନାହିଁ । ସେ ମାଆର ଅଙ୍କରୁ ବଞ୍ଚିତା

ହୋଇ, ପିତାର ଅତ୍ୟଧିକ ଆଦରରେ ଅପ୍ଲୁତ ରହି ଓ ଧନର ପ୍ରାଚୁ-ର୍ଯ୍ୟରେ ଲିପ୍ତ ଥାଇ ଉଦ୍ଧତ ହେଲା । ବିଳାସର ସ୍ୱାଧୀନ ତରଙ୍ଗରେ ସନ୍ତରଣ କରି ବାରବୁଲା ବାଛୁରୀ ପାଲଟି ଗଲା । ନା ବାଧା ଅଛି କି ବନ୍ଧନ ଅଛି । ସେ ଭାବୁଥିଲା ଜୀବନଟି ବୋଧହୁଏ ଏଇଆ । କଲେଜ ଜୀବନର ମନଇଚ୍ଛା ମଉଜ ତାର ଦୁର୍ଭାବନାରେ ଖୋରାକ ଯୋଗାଇଲା । କଲେଜର ତଥାକଥିତ ଶିକ୍ଷିତା ତରୁଣୀ ସହଜରେ ସ୍ୱଚ୍ଛନ୍ଦ ବିହାରର ପକ୍ଷପାତୀ । ଭଲ ବନ୍ଧୁଠାରୁ ଭଲ ଗୁଣ ଶିଖିବା ପରିବର୍ତ୍ତେ କୁମାର୍ଗରେ ସଙ୍ଗ ଓ କୁଶିକ୍ଷାରେ ଅନୁପ୍ରାଣିତ ହୋଇ ଯେତେକଯାକ ଦୁର୍ନୀତି ହାସଲ କରିବାରେ ଲାଗି ପଡ଼ିଲା ।

କୌଣସି ବିଷୟ ନବୁଝି ନ ସୁଝି ଅନୁକରଣ କରିବା ଅଙ୍କିତାର ପରିଚୟସୂଚକ । ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତିରେ ଅନୁପ୍ରାଣିତ ହୋଇ ଭୁଲିଗଲା ଯେ, ସେ ଧର୍ମାନୁଗତ ଭାରତର ଆଦର୍ଶ କନ୍ୟା । ଏ ଦେଶର ନାରୀ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ଦେବୀ ! ସମ୍ଭୋଗ ଓ ବିଳାସ ଠାରୁ ସହିଷ୍ଣୁତା ଓ ସେବାକୁ ସେ ଅଧିକ ପସନ୍ଦ କରେ । କିନ୍ତୁ ଅଶା ବିଶୃଙ୍ଖଳ ଭୋଗ ବିଳାସରେ ମତ୍ତ ରହି ମହତ୍ତ୍ୱ ଓ ଲଜ୍ଜ୍ୟାକୁ ତଥାକଥିତ ପ୍ରଗତି ପଙ୍କରେ ଆହୂତି ଦେଲା । ନିଜ ଦେହର ନଗ୍ନ ସୌନ୍ଦର୍ଯ୍ୟକୁ ପରିବେଷଣ କରି ତରୁଣମାନଙ୍କ ଠାରୁ କାମନା ପୂର୍ତ୍ତି ବାହାବା ନେବା ହେଲା ତାର ପରମ ଲକ୍ଷ୍ୟ । ସେ ନିଜର ବେଶ ଓ କେଶ ବିନ୍ୟାସରେ ଅଧିକ ସମୟ ନଷ୍ଟ କଲା । ଦିଗମ୍ବର ବାବୁ ଅଳ-ଅଳ ଝିଅର ଦୁରବସ୍ଥା ଦେଖି ଦୁଃଖିତ ହେଲେ । କିନ୍ତୁ ପୁଣି ଭାବିଲେ ଭାର ପଡ଼ିଲେ ଝିଅ ବାଟକୁ ଆସିବ । କିନ୍ତୁ ସେ ସୁଦିନ ଦେଖିବାର ସୌଭାଗ୍ୟ ତାଙ୍କ ଭାଗ୍ୟରେ ଆଉ ଘଟିଲା ନାହିଁ ।

ଦିନେ ଏକ ଅଶୁଭ ମୁହୂର୍ତ୍ତରେ ଦିଗମ୍ବରବାବୁ ରକ୍ତଚାପ ରୋଗଗ୍ରସ୍ତ ହୋଇ ଅଶାକୁ ଏକୁଟିଆ କରି ଚାଲିଗଲେ । ଶେଷବେଳେ

ଆଖିରୁ ତାଙ୍କର ଧାରଧାର ହୋଇ ଲୁହ ବୋହୁଥାଏ । ଆଶା ଅନିଦ୍ରା ରହି ଦିଗମ୍ବର ବାବୁଙ୍କ ମୁଣ୍ଡପାଖରେ ବସି ଆଖିରୁ ସେହି ଅମାନିଆ ଲୁହ ଧାର ସବୁ ନିଜର ପଣତ କାନିରେ ପୋଛି ଦେଉଥାଏ । ଶେଷ ବେଳକୁ ଦୁର୍ବଳ ପାଟିରୁ ଅନେକ ସବଳ କଥା ବାହାରିଲା । ଆଶାର ମନେ ହେଉଥିଲା ବାପା ସୁସ୍ଥହୋଇ ଆସୁଛନ୍ତି । କିନ୍ତୁ ନିର୍ବାଣ-ମୁଖୀ ଦୀପର ଶେଷ ଆଲୁଅ ସିଏ । କହୁଥିଲେ, ମାଲୋ ଆଶା ! ଏ ଜୀବନରେ ଅନେକ ଭୋଗ କଲି । ବୁଝିଲି, ଦୁଃଖ ଓ ସୁଖର ମିଶା-ମିଶି ଏ ସଂସାର । ଜୀବନଧାରୀ ପିଣ୍ଡ ସବୁ ସହେ । କିନ୍ତୁ ଜୀବନରେ ମୋର ତୋର ମାଆକୁ ହରାଇ ଥିବା ବ୍ୟତୀତ ସୁଖର ଭାଗ ଅନେକ । ଶେଷ ଆଶା ଥିଲା ତୋତେ ବଧୂ ରୂପରେ ଦେଖି ପ୍ରାଣତ୍ୟାଗ କରିବି । କିନ୍ତୁ ତାହା ହେଲାନାହିଁ । ସଂସାରରେ ଅନେକ ରାସ୍ତା ମାଆ ! ମନକୁ ସଞ୍ଚିତ ନକଲେ ବାଟ ଧରି ହୁଏନା । ଯେଉଁ ଜୀବନର ଲକ୍ଷ୍ୟ ନାହିଁ କି ନିଷ୍ଠା ନାହିଁ ସେ ପ୍ରକୃତ ପଥରୁ ବିଚ୍ୟୁତ ହୁଏ । ବଢ଼ିଲା ଝିଅ ତୁ ! ଦେଖି ଚାହିଁ ବାଟ ଚାଲିବୁ । ଶେଷକୁ ସେ ଶୁଭାକାଂକ୍ଷୀ ବନ୍ଧୁ ସନ୍ତୋଷବାବୁଙ୍କୁ ଡ଼କାଇ ତାଙ୍କର ହାତରେ ନିଜର ଅଲିଅଳି ଝିଅକୁ ସମର୍ପି ଦେଇ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଆଶା ଅନେକ କାନ୍ଦିଲା - ଅନେକ ଦୁଃଖ କଲା । ଏବେ ତାର ବେପରୁଆ ଜୀବନର ପ୍ରଥମ ଅଧ୍ୟାୟ ସରିଗଲା ।

ଅତୀତ ସୂର୍ଯ୍ୟର ଚାରିପାଖେ ପୃଥିବୀଭଳି ବୁଲିବାକୁ ଭଲଲାଗେ । ଉଡ଼ିଲା ମନରେ ବାଉଲା ଖାଏ ଅତୀତର ଉତ୍ତେଜନାମୟ ଅନୁଭୂତି, ସ୍ନିଗ୍ଧ ମଧୁର ଭାବଧାରା ଓ କାନ୍ତ କୋମଳ କଥାଭାଷା । ଅତୀତ ପାଖରୁ ଦୂରେଇ ଯାଉଥିଲେ ପାଖେଇ ଆସନ୍ତି ଅତି ଆପଣାର ଲୋକମାନେ । ସେମାନେ ସହଜେ ଭୁଲି ହୁଅନ୍ତିନି' — ବରଂ ବର୍ତ୍ତମାନର ପ୍ରେରଣା ହୋଇ ଛୁଇଁ ହୁଅନ୍ତି । ଅଦେଇ ଦେଇ ହବେଇ ଦେଲେ ସପନ ହୋଇ ଦେଖା ଦିଅନ୍ତି ।

ଆଶାର ଅଗରେ କି ପଛରେ ଛିଡ଼ା ହେବାକୁ ଆଜ କେହି ନାହିଁ । ଆଖି ଆଗରେ ଗଦାଏ ବାଟ । ତାର ଆରମ୍ଭ ଯେମିତି ନାହିଁ ଶେଷବି ସେମିତି ନାହିଁ । ଅଙ୍କେଇ ବଙ୍କେଇ ଅଜଣା ସନ୍ଧି ଭିତରେ ମିଶିଯାଇଛି । ଆଶା ଏକୁଟିଆ ଚାଲିବାକୁ ଆଜ ସାହସ କଲା ନାହିଁ । ସେ ଦୁନିଆଁକୁ ଡରିବାକୁ ଲାଗିଲା - ନିଜ ମନକୁ ନିଜେ ଡରିଲା । ତାର ମନେ ହେଲା ଜୀବନ ଗୋଟିଏ ଜଞ୍ଜାଳର ସ୍ତୂପ । ମରିଗଲେ ଯାଇ ତହିଁରୁ ନିସ୍ତାର । ମଣିଷ ଏ ଜଞ୍ଜାଳ ପାଶୋରି ପକାଇବାକୁ ସାଥୀ ଖୋଜେ, ମନ ଖୋଲି ଭଲମନ୍ଦ କହି ବସେ ।

ଆଶା ନିଜ ଦେହକୁ ମୁହଁକୁ ଚାହିଁ ଆଶ୍ଚର୍ଯ୍ୟ ହେଲା । ଯୌବନ ଆସି କେତେ ଶୀଘ୍ର ଚାଲିଯିବା ଉପରେ । ଏବେ ସେହି ଚଞ୍ଚଳ ମନ ନାହିଁ କି, ସେ ମନର ଝଲକ ମଧ୍ୟ ନାହିଁ । ଅନେକଦିନ ବ୍ୟବହାର ନହୋଇ ଅଯତ୍ନରେ ପଡ଼ି ରହିଲେ ଲୁହାରେ କଳଙ୍କି ଲାଗେ, ସୁନା ମଉଳ ହୁଏ, ରୁପା କଳା ପଡ଼ିଆସେ । ଆଉ ଯୌବନତ ସହଜେ ରକ୍ତ ମାଂସର ଖେଳ, ଗୋଟିଏ ରାତିର ମହୋତ୍ସବ !! ବୟସ ଥିବା ଯାଏ ଟିକିଏ ଚପଳତା - ଟିକିଏ ଅସ୍ଥିରତା । ତାପରେ ସବୁ ଫାଙ୍କା । ସବୁ ଶୂନ୍ୟ । ମନେହୁଏ ଜୀବନଟି ଅକାରଣ ହୋଇଛି । ଉତ୍ତଳା ମନର ମୋହ ଭାଙ୍ଗେ । ସୁନେଲି ସ୍ୱପ୍ନର ଶେଷ ହୁଏ ।

ଏଇ ଆଶା ଚାଲିଯାଉଥିଲା ବେଳେ ପାଦତଳେ ପଦ୍ମଫୁଲ ଫୁଟୁଥିଲା । ଯିଏ ଦେଖୁଥିଲା ଅନେଇ ରହୁଥିଲା । ସେ ଆଖିରେ ଥିଲା ରଙ୍ଗୀନ ସ୍ୱପ୍ନର ନିଶା ! କିନ୍ତୁ ଏବେ ସେ ଚାହାଣୀର ଦୃଷ୍ଟିକୋଣ

ବଦଳି ଯାଇଛି । ଦେଖିଲା ଲୋକର ଆଖି ଯେମିତ କହୁଛି; ଆହା ! ଜୀବନ ଯୌବନକୁ ପାଦ ତଳେ ଚକଟି ଦେଲା ସିନା ! କି ଲାଭ ପାଇଲା ଆଶା ? ବୟସର - ବାସନା ତାର ଗଣ୍ଡ ତଳେ ଆର୍ତ୍ତନାଦ କରୁଥିଲା । ସେ ବହୁତ ଡେରିରେ ବୁଝିଲା ସତେ ଯେମିତି ଗୋଟିଏ ବିରାଟ ଭୁଲ କରିଛି । ତାର ଅନେକ ଦିନରୁ ସାଥୀଟିଏ ଖୋଜିବା ଉଚିତ ଥିଲା । ଏବେ ସାଥୀ କାହିଁ ? କିଏ ଅଛି ପଛକୁ ??

ଅବିବାହିତା ତରୁଣୀ ଗୃଳିଗଲା ବେଳେ ଅନେକ ସାଥୀ ଜୁଟନ୍ତି । ସେମାନେ ସବୁ ଘଣ୍ଟାକିଆ ମଉଜର ସାଥୀ । ମନର ଭୋଗ ଲାଳସାକୁ ଉତ୍ତେଜିତ କରି ଫାଇଦା ଉଠାଇବା ତାଙ୍କର ଲକ୍ଷ୍ୟ । ସେମାନେ ଯେଉଁ ପ୍ରେମର ନାଁ ନିଅନ୍ତି ତହିଁରେ ଖାଲି କାମନା ଓ ବାସନାର ଲେଲିହାନ ଶିଖା । ତହିଁରେ ପବିତ୍ର ଆତ୍ମାର ସ୍ୱାକ୍ଷର ନାହିଁ କି ପବିତ୍ରକାମୀ ପ୍ରେମର ସୁନ୍ଦର ସ୍ପର୍ଶ ନାହିଁ । ତାର ସଂସ୍ପର୍ଶରେ ଆସିଲେ ମନ ତେଜି ଯାଏ, ଅହଂଭାବ ବଢ଼ିଯାଏ । ସେ ଏଭଳି ପ୍ରେମର ସମ୍ପର୍କରେ ଆସିନାହିଁ ଯାହା ମନକୁ ପବିତ୍ର କରେ, ପ୍ରାଣକୁ ନିଷ୍କଳଙ୍କ ରଖେ । ସୁମନ୍ତ ଆଜି ଅହେତୁକ ଭାବରେ ମନେ ପଡ଼ିଲା । ସେ ଦିନେ ହସହସ ମନରେ ବିବାହ ପ୍ରସ୍ତାବ ବାଢ଼ିଥିଲା । ଆଶା ଫେରାଇ ଦେଲା ଦିନୁ ଆଉ ପାଖ ପଶେ ନାହିଁ । ରାସ୍ତାରେ ଅକସ୍ମାତ ଦେଖା ହେଲେ ଆଡେଇ ହୋଇ ଦୂରେଇ ଯାଏ । ମୁହଁରେ ତାର ଲାଜମିଶା ଅରୁଣିମା ଲହଡା ଭାଙ୍ଗୁଥାଏ । ସତେ ଯେମିତି ତାର ସଙ୍ଗେ ସୁମନ୍ତର ପୂର୍ବରୁ ପରିଚୟ ନଥିଲା । ଏବେ ମଧ ନାହିଁ ।

ଶ୍ରୀକାନ୍ତ ସେମିତି ରାସ୍ତାରେ ଦେଖା ହେଲେ ମୁରୁକି ମୁରୁକି ହସେ । ହସରେ ଥାଏ ଉପହାସର ଆଗ୍ନେୟ ଭାଷା । ଚିହ୍ନା ବନ୍ଧୁକୁ ଡାକି ଜୁମାଣ୍ଟ ଆଶାକୁ ଚିହ୍ନେଇ ଦିଏ । ଆଶା ଖାଲି ଲଜ୍ଜ୍ୟା, ଉପହାସ ଓ ବଦନାମର ଗଣ୍ଡିଲି ଧରି ଯାତାୟାତ କରେ । ବାର ଅପବାଦ ଶୁଣି

ସଙ୍କୋଚରେ ଭାଙ୍ଗି ପଡୁଥାଏ । ଦୁନିଆଁ ତା ପାଇଁ ନିଶୂନ ଶୂନଶାନ । ଅନେକ ତରୁଣ ତରୁଣୀଙ୍କ ଚେହେରା ମୁହଁ ଆଉ ଦେଖିବାକୁ ମିଳେ ନାହିଁ । ସେମାନେ ହୁଏତ ଏବେ ଘର ସଂସାର କରି ସୁଖରେ ଥିବେ ।

ଦେହରେ ମଳୟ ବାଜିଲେ ମନ ବଉଳି ଉଠେ । ନିଃସଙ୍ଗ ଯୌବନ ସାଥୀ ଖୋଜେ । କଳ୍ପନାରେ ପର ଲାଗେ । ପ୍ରଜାପତିର ରଙ୍ଗବେରଙ୍ଗ ପକ୍ଷ ନେଇ ଆକାଶର ଅନନ୍ତ ନୀଳିମା ଭିତରେ ଚକ୍କର କାଟେ । ବୟସ ବଢ଼ିଗଲେ ମନ ଥମି ଯାଏ । ଯୌବନର ରଙ୍ଗ ମଉଳି ଆସେ । କଳ୍ପନାରେ କଳଙ୍କି ଲାଗେ । ଆହତ ଆତ୍ମା ଉହାଳି ବିକଳ ହେବାହିଁ ସାର ହୁଏ । ମଣିଷ ଖୋଜି ବୁଲେ ବିଗତ ଅତୀତର କୁଆଁରିଆ ଜୀବନ ଯୌବନ । କିନ୍ତୁ ସେ ଆଉ ନଥାଏ କି ଫେରି ଆସେନା' ।

ଆଶା ଏତେ ବାଟ ବୁଲି, ଗୁଡ଼ାଏ ଭୂଠର ପାଣି ପିଇ ଶେଷରେ ଭୁଲି ରାସ୍ତା ଫେରି ପାଇଲା । ଜୀବନର ଏକମାତ୍ର ରାସ୍ତା ସିଏ । ମଣିଷ ଜନ୍ମ ହେବା ସଙ୍ଗେସଙ୍ଗେ ଜଞ୍ଜାଳକୁ ନେଇ ଆସିଥାଏ । ଏହି ଜଞ୍ଜାଳ ଭିତରେ ଟିକିଏ ଶାନ୍ତି, ଟିକିଏ ସୁଖ ପାଇବାକୁ ସଂଗ୍ରାମ କରେ । ଇପ୍ସିତ ବସ୍ତୁ ଲାଭ କଲେ ବେଳେ ବେଳେ ମନ ପୁରାଇ ହସେ । ଜୀବନକୁ ଖୋଲା ଭାବରେ ଉପଭୋଗ କରିବାକୁ ଚାଉଦିଗର ଦୁଃଖ, ଜଞ୍ଜାଳକୁ କ୍ଷଣକ ପାଇଁ ଭୁଲିଯାଏ । କିଏ ଯେ ଦୁନିଆରେ ଜନ୍ମହୋଇ ଚାଲିବାଟରେ ବାଧା ହୁଏନା ଏମିତି ଲୋକ ନାହିଁ । ମନ ଥିଲେ କ୍ଲାନ୍ତି ଅଛି, ପରାଜୟ ଅଛି - କିନ୍ତୁ ପରାଜୟ ସହିତ ସଙ୍ଗେ ଆନନ୍ଦ ଅଛି, ପ୍ରାପ୍ତିବି' ରହିଛି । ସଂକ୍ଷିପ୍ତ ଜୀବନ ଖେଳ ଭିତରେ ଯିଏ ଏ ସବୁ ଆଡେଇ ଦେଇ ଆତ୍ମଗୋପନ କରେ ସିଏ ସବୁଠୁ ବଳି ନିର୍ବୋଧ । ଜୀବନର ନିର୍ଦ୍ଦେଶ ହେଉଛି ଯାହା ମିଳୁଛି ମୁଣ୍ଡପୋତି ଗ୍ରହଣ କରିଯାଅ । ସୁଖ ଓ ଦୁଃଖ ଉଭୟକୁ ଉପଭୋଗ କର । ଏହାଦ୍ୱାରା ଜୀବନର

ଅନୁଭୂତ ବଢ଼ିବ, ପ୍ରଜ୍ଞା ବଢ଼ିବ ।

ଆଶା ଭାବଥିଲ ଯୌବନ ଗୋଟିଏ ରଙ୍ଗୀନ ଫୁଲ । ତାର ରଙ୍ଗୀନ ପାଖୁଡ଼ା, ନରମ ପରାଗ କେବେ ମଉଳିବାର ନୁହେଁ । ଉଡ଼ିଗଲେ ଝଡ଼ିଯାଏ । ଲୋକଲୋଚନକୁ ଆକୃଷ୍ଟ କରେ । ଏହାର ବିଲୟ ନାହିଁ କି ସମାପ୍ତି ନାହିଁ । କିନ୍ତୁ ବୟସ ଗଡ଼ିଯିବା ପରେ ଯେତେବେଳେ ଦେହର ରଙ୍ଗ ମଉଳି ଆସିଲା, ମନର ଢଙ୍ଗ ବଦଳି ଗଲା । ଆଶା ସଂସାରର ପ୍ରକୃତ ସ୍ୱରୂପ ଦେଖିବାକୁ ଚେଷ୍ଟା କଲା ।

ବିବାହିତ ତରୁଣ ତରୁଣୀ ମନ ଫୂର୍ତ୍ତିରେ ଚାଲି ଗଲା ବେଳେ ସେ ଝରକା ଉହାଡ଼ରୁ ଲୁଚିଛପି ଚାହେଁ । ସେମାନଙ୍କ ହସ, ସେମାନଙ୍କ ଆନନ୍ଦକୁ ଲୁଚିଲୁଚି ଉପଭୋଗ କରେ । ସାମନା ସାମନି ଦେଖିବାର ସାହସ ନାହିଁ । ମନେପଡ଼େ ସେବି' ଦିନେ ବିବାହ କରି ସୁଖୀହୋଇ ପାରିଥାନ୍ତା । ସ୍ୱାମୀର ଜୀବନ ପାତ୍ରରେ ପ୍ରଣୟ ରସ ଭରିଦେଇ ନିଜେ ତୃପ୍ତ ହୋଇଥାନ୍ତା - ସନ୍ତାନର ମାତା ହୋଇ ସୃଷ୍ଟିରେ ନିଜର ସତ୍ତ୍ୱାକୁ ବଞ୍ଚାଇ ରଖି ପାରିଥାନ୍ତା । ସ୍ନେହ ଦେଇ, ସୋହାଗ ଦେଇ ତାର ଛୋଟିଆ ସଂସାରକୁ ଶ୍ରୀଯୁକ୍ତ କରି ପାରିଥାନ୍ତା ।

ରୀତା ଏବେ ଦ୍ୱିତୀୟ ସନ୍ତାନର ମାତା ହୋଇଛି । ଶରୀର ଉତ୍ତର ସଙ୍ଗେସଙ୍ଗେ ଦେଇ ନ ପାରି ଦୁଃଖିତ ହୋଇ ଲେଖେ, ଏ 'ଚୁନୁ' ଆଉ 'ମୁନୁ' କଣ ରଖାଇ ବସି ଦେଉଛନ୍ତି କିଲୋ ! ଘର ଗୋଠାକର ଖବର ବୁଝି ବୁଝି ସମୟ ହେଉନାହିଁ । ମଣିଷ ଅଣ-ନିଃଶ୍ୱାସୀ ହୋଇ ମରୁଛି । ସିଏତ ହେଲେ ବାହାରର ମଣିଷ । ଘର କଥା ବୁଝିବାକୁ ଏକା ମୁଁ । ମୋ ରାଣଟି ! ଭୁଲ ବୁଝିବୁ ନାହିଁ । କ୍ଷମା ଦେବୁ ।

ଶ୍ରୀମତୀ ମୁଗ୍ଧା ଏବେ ସ୍ୱାମୀ ସୁମନ୍ତ ଭଳି ବାଠକାଟି ଚାଲେ । ମନେ ହୁଏ ତାର ଆଚରଣରେ ମୁଗ୍ଧା ସନ୍ତୁଷ୍ଟା ନୁହେଁ । ଆଖିରେ ତାର ହତାଶା

ଓ ଡାଛଲ୍ୟର ବାଡ଼ି ! ସତେ ଯେମିତ ସେ କଣ୍ଟ ଗୋଟିଏ ଅସାମା-ଜିକ କର୍ମକଳାପରେ ଲିପ୍ତ ଅଛି । ବିବାହ ନହୋଇ କୁମାରୀ ରହିବା ସତରେ କଣ ଅସାମାଜିକ ? ଗତାନୁଗତିକ ବନ୍ଧନରୁ ଟିକିଏ ଦୂରେଇ ରହିବାକୁ ମନ ହେବା କଣ ପାପ ??

ପୂଣ୍ୟର କଣ କିଛି ସ୍ୱୀକୃତ ସଂଜ୍ଞା ଅଛି ? ଯାହାକୁ ବିବେକ ନିର୍ଦ୍ଦେଶରେ ଗ୍ରହଣ କରେ ତାହା କଣ ପୂଣ୍ୟ ନୁହେଁ ?

ସମାଜ ଆଖିରେ ମୁଗ୍ଧା ସତୀ, ସାଧ୍ୱୀ - ଦେବୀ ପ୍ରତିମା ! ଆଉ ସିଏ ? ସତେ ଯେମିତି ସମାଜ ଅଙ୍ଗରେ ଗୋଟିଏ ଅସାଧ୍ୟ ବ୍ରଣ ! ତାକୁ ଦେଖିଲେ ସଧବା ଓ ତଣା ଭଉ ଦେଉଛନ୍ତି, ଘଇ ବାଜିବ ବୋଲି ପାଖେଇ ଯାଉଛନ୍ତି - ସମାଜ ଆଖିରେ ସେ ଦୋଷୀ, କଳଙ୍କିନୀ !

କିନ୍ତୁ ଦେହରେ ଚହଲ ରୂପ ଥିଲାବେଳେ ଏଇ ସମାଜ କେତେ ଆଦର କରୁଥିଲା, ସ୍ନେହ କରି ପାଖରେ ବସାଉଥିଲା । ଆଖିରେ ଥିଲା ଅଗ୍ରହ ଓ ସୁହାଗର ଆମନ୍ତ୍ରଣ । ଆଶା ! ଆହୁରି ଟିକିଏ ପାଖେଇ ଆସ ! ତୁମର ଏହି ସ୍ୱର୍ଣ୍ଣ ଯୌବନ ଲତାକୁ-ଲତାଇ ଦିଅ !

ଆଜି ସେ ଆଶା ଆଉ ନାହିଁ । ଝାଉଁଳି ଗଲା ।

ସେ ଆଶା ନାହିଁ ସତରେ ? ଆଶା ତଟସ୍ଥ ହେଲା ।

ସେ କଣ ଝାଉଁଳିଛି ? ସେ କଣ ଝାଉଁଳିବ ??

ସିପ୍ରା ବିସ୍ତର ଚିଠି ଲେଖେ । ତାର ପ୍ରତ୍ୟେକ ପଦରେ ଏଣିକି ଅବସାଦର ଛାପ୍ପା ସୁସ୍ପଷ୍ଟ । କହେ, ଏ ଜଞ୍ଜାଳିଆ ଗୃହକର୍ମୀ ଜୀବନରେ ହେଲେ କଣ ସୁଖ ଅଛି କଲେ ? ମରଦ ଆଖିର ଛିମାଛିମା ଢୋଲାରେ ଅନେକ ତୃଷ୍ଣା, ଅନେକ କାମନା ! ନାରୀକୁ କଣ ଏକୁଟିଆ କୁଆଡ଼େ ଚଳେଇ ଦେଉଛନ୍ତି ? ଆପଣା ମଣିଷଟିଏ ଭଳି ଦେଖାଇ ହେବାକୁ ପାଖେଇ ଆସୁଛନ୍ତି । ଆଶ୍ୱାସନା ଦେଇ ପାଖରେ ବସାଇଲେ ଅଯଥା ଦାବୀ, ଅକାରଣ ଯୁକ୍ତି । ଟେଙ୍ଗରିଇ ହେଲେ ତୁଚ୍ଛ-

ଚାରେ ଫଁ ଫଁ । କେମିତି କଣ କରିବ ଲୋ ? ତୁ ସିନା ଧନ ବଳରେ ସମସ୍ତଙ୍କୁ ଚପେଇ ମାଡି ମକଚି ଚାଲି ଯାଉଛୁ ! ମୁଁ ବିବାହ ନକରି ବଡ ଦୁରବସ୍ଥାରେ ପଡ଼ିଲି । କିନ୍ତୁ ସିପ୍ରା ଭୁଲିଯାଏ ଯେ ଧନ ବଳ ତରୁଣୀ ମନକୁ ବାନ୍ଧିରଖି ପାରେନାହିଁ । ତାରୁଣ୍ୟ, ନିଃସଙ୍ଗ ଜୀବ-ନରେ ବିଦ୍ରୋହ କରେ । ଚଲାପଥର କଣ୍ଟା ହୁଏ ସେ । ସମସ୍ତ ଭୋଗ ବିଳାସ ଓ ପ୍ରାଚୁର୍ଯ୍ୟ ବିଷ ଭଳି ଲାଗେ । ସେ ଚାହେଁ ଜୀବନ ସାଥୀଟିଏ । ଜୀବନ ଯୌବନକୁ ଉପଭୋଗ କରିବାକୁ ମନର ମଣିଷ-ଟିଏ ! ବିପଦବେଳେ ଯେ ଉପରେ ପଡି ସାହାଯ୍ୟ କରିବ । ସୁଦୀର୍ଘ ଚଲାପଥର ସାଥୀ - ପଥିକା ହେବ । ସମଗ୍ର ସୁଖ ଦୁଃଖକୁ ସମାନ ଭାବରେ ଗ୍ରହଣ କରିବାକୁ ସମ୍ମତ ହେବ ।

କୁଆଁରୀ କନ୍ୟା ଫୁଲ ହେଲେ ବିବାହିତା ତରୁଣୀ ଫୁଲଗଛ । ଫୁଲ ଯେତେବେଳେ କଳିକା ଭିତରୁ ପ୍ରଥମେ ଜନ୍ମ ନିଏ ପହିଲି ସକାଳ ଦେଖି, ପହିଲି କିରଣ ମାଖି ଉନ୍ମାଦ ହୁଏ । ତାର ଦେହରୁ ରଙ୍ଗୀନ ପାଖୁଡା ପରି ମେଲିଲା ବେଳେ ମନ ଭିତରେ ଉଭିଠେ କଳ୍ପନା ବାଉଳା ଖାଏ । ପାଖୁଡା ତଳର ପରାଗ ପ୍ରଣୟ କାତର ହୁଏ । ଅସଂଖ୍ୟ ଭ୍ରମର ଧାଡି ବାନ୍ଧି ଧାରଧାର ହୋଇ ଲମ୍ଫି ଆସନ୍ତି । ଫୁଲର ମଧୁ ଆହରଣ କରି ସେମାନେ ନିମିଷକ ପାଇଁ ନିଜକୁ ଭୁଲି ଯାଆନ୍ତି । ଫୁଲ ବାସି ହୁଏ । ସୁବାସ ସରିଯାଏ - ଭଅଁର ଭୁଲିଯାଏ । ଅନାଇଁ ଅନାଇଁ ଆଖିରୁ ପାଣି ମଳେଇ ପାଖକୁ ଆସେନା । ସକାଳ ପାହିଲେ ପ୍ରଥମ କିରଣ ସହି ନପାରି ସେ ଝାଉଁଳି ଯାଏ, ଝଡିଯାଏ । ଜୀବନରେ ଦ୍ୱିତୀୟ ସଞ୍ଜ ଦେଖିବାର ସୌଭାଗ୍ୟ ତାର ଆଉ ନଥାଏ । ମାଟିରେ ମିଶି ମାଟି ହୋଇଯାଏ ସରସ, ସୁନ୍ଦର ଦେହ । କିନ୍ତୁ ଫୁଲ ସଙ୍ଗେ ଫୁଲ ଗଛ ହଜିଯାଏ ନାହିଁ । ପାଣିପବନ ପାଇ ନୂତନ ପତ୍ର ଦେହରୁ ନୂଆ କଳିକା ଜନ୍ମ ନିଏ । ବିବାହିତା ନାରୀ ସାଥୀ ପୁରୁଷ - ମନରେ

ସବୁଦିନ ନୂତନ ରଙ୍ଗ, ନୂତନ ପ୍ରେରଣା ବୁଣିଦିଏ । ପୁରୁଷ ବିହ୍ୱଳ ହୁଏ, ବିମୁଗ୍ଧ ହୁଏ ! ପ୍ରେମର ଜୟମାଲ୍ୟ ଓ ତୃପ୍ତିର କବଚ ପିନ୍ଧି ଜୀବନ ସଂଗ୍ରାମରେ ବଳୁଆ ସୈନ୍ୟ ଭଳି ଯୁଦ୍ଧ କରେ । କେବେ ହାରେ ତ କେବେ ଜିଣେ । ସ୍ତ୍ରୀ ବିଜୟ ଖବର ଶୁଣି ଖୁସି ହୁଏ । ସାଥୀ ପୁରୁଷ ହାରି ଗଲେବି’ ସେ ବିମୁଖ ହୁଏନାହିଁ । ଶାନ୍ତି ଦେଇ, ସାହସ ଦେଇ ତାର ବିକ୍ଷତ ମନକୁ ସଜାଡ଼ି ନିଏ । ମୃତ୍ୟୁ ଭିତରେ ଜୀବନର ଝଲକ ଖେଳେ । ଜୟ ପରାଜୟ, ସୁଖ ଦୁଃଖର ସଂଗ୍ରାମ ସବୁଦିନ ପାଇଁ ଲାଗିରହେ । ପିତାପରେ ସନ୍ତାନ ହୁଏ ପ୍ରତିନିଧି ।

କିନ୍ତୁ କଅଁଳ ଛନଛନ ଛଇଳୀ ତରୁଣୀର ମନ ? ଯୌବନ ସରିଗଲେ କ୍ଳାନ୍ତି ଆସେ ! ସେ ଆଉ ପାରେ ନାହିଁ । ଧୂଳିରେ ପଡ଼ି ଧୂଳି ହୋଇଯିବା ପୂର୍ବରୁ ସାଥୀ ଖୋଜେ, ଆଶ୍ରୟ ଖୋଜେ । ଅତୀତ ତାକୁ ବ୍ୟଙ୍ଗ କରେ, ବିଦ୍ରୂପ କରେ । ସେ ସବୁକିଛି ଭୁଲି ଯିବାକୁ ଚାହେଁ । ଆଭିଜାତ୍ୟ, ଅଭିମାନ ସବୁ ହାର ମାନେ ସେଇଠି ।

କୁମାରୀ ଆଶା ଆଶ୍ରୟ ଖୋଜୁଥିଲା । ସେ ଗୋଟିଏ ଏମିତି ନିର୍ଭୟ ଆଶ୍ରୟ ହୋଇଥିବ, ଯେଉଁଠାରେ ସନ୍ଦେହ ନଥିବ କି ସଂଶୟ ନଥିବ । ଆତ୍ମ ସମର୍ପଣ ଓ ଆତ୍ମ ନିବେଦନର ସୁଦୃଢ଼ ନ୍ୟହ ଉପରେ ସୁପ୍ରତିଷ୍ଠିତ ଥିବ । ନିଶ୍ଚିତ ଓ ନିର୍ଭର ଆଶ୍ରୟକୁ ଅବଲମ୍ବନ କରି ସେ ଶାନ୍ତିର ନିଃଶ୍ୱାସ ନେବ । ଦୁନିଆଁକୁ କି ଦୁନିଆଁର ଦାଉକୁ ଡରିବ ନାହିଁ । ଜଞ୍ଜାଳ ଉପରେ ପାଦ ରଖି ତାକୁ ଜୟ କରିବାକୁ ଜୀବନ ପଣ କରିବ । ନିଜର ସୁଖ ଓ ସଂଭୋଗକୁ ଦୂରେଇ ଦେଇ ତାରି ସୁଖ ଶାନ୍ତିର ପଥ ଖୋଜିବ । ସେହି ଆଶ୍ରୟ ହେବ ତାର ଦେବତା, ତାର ଆରାଧନା । ସିଏ ହେବ ପାଦ ତଳର ନିବେଦିତା ପୂଜାରିଣୀ !

ଆଶାର ଆପଣା ମନରେ ଅଗର ସେହି ବେପରୁଆ ଶକ୍ତି କି ସାହସ ଆଉ ନଥିଲା । ଏତେ ଦିନକେ ସେ ସାହାଯ୍ୟ ଚାହୁଁଥିଲା,

ଶାନ୍ତି ଖୋଜୁଥିଲା । ନାରୀ ହୋଇ ନାରୀତ୍ୱକୁ ଅବମାନନା କରି ଆସିଥିଲା । ସୃଷ୍ଟିର ସ୍ୱଭାବ ସୁଲଭ ଧର୍ମ ଆଗରେ ଛିଡ଼ା ହୋଇ କହୁଥିଲା, ମୁଁ ନାରୀ କିନ୍ତୁ ନାରୀତ୍ୱ ଚାହେଁନା, ମୁଁ ସ୍ତ୍ରୀ କିନ୍ତୁ ମାତୃତ୍ୱକୁ ପସନ୍ଦ କରେନା; ମୁଁ ମାଆ ତଥାପି ବାତ୍ସଲ୍ୟ ସ୍ନେହ ମୋର ଆବଶ୍ୟକ ନାହିଁ । ଏବେ ବୁଝିଲା, ନାରୀତ୍ୱ ତାର କାମ୍ୟ, ମାତୃତ୍ୱ ତାର ସ୍ୱପ୍ନ ଓ ଜାୟା ପଦ ତାର ବିଜୟର ଟୀକା ! ସୀମନ୍ତରେ ସିନ୍ଦୁର ନଥିଲେ, ହାତରେ ଶୁଭ ଲଖ ନଥିଲେ ସେ ନାରୀ ହେଲେ ମଧ୍ୟ ସାମାଜିକ ନାରୀର ଅଧିକାରରୁ ବଞ୍ଚିତା ହୁଏ ।

କିନ୍ତୁ ସବୁ ସମୟରେ ମନର ସବୁ ଇଚ୍ଛା ପୂରଣ ହୁଏ ନାହିଁ । ମନ ଯାହା ଚାହେଁ ନ ପାଇଲେ ଭାଙ୍ଗିଯାଏ । କୁମାରୀ ଆଶା ଭାଙ୍ଗି ଯାଇଥିଲା । ଧନ ସମ୍ପତ୍ତିର ପ୍ରାଚୁର୍ଯ୍ୟ ଭିତରେ ରହି ବି' ସେ କାଙ୍ଗାଳ ମନର ଅସହ୍ୟ ଯନ୍ତ୍ରଣା ଉପଲବ୍ଧି କରୁଥିଲା । ବାପା ଆଜି ଆଉ ନାହାନ୍ତି - କିନ୍ତୁ ବାପାଙ୍କ କଥା କାନରେ ବାଜୁଛି । ସେ ସ୍ପଷ୍ଟ ଶୁଣି ପାରୁଛି, "ତୁ ବିବାହ କର ଆଶା ! ବିବାହ କରି ସୁଖୀ ହୁଅ ।" କିନ୍ତୁ କଳଙ୍କି ମନ, ରୁଗ୍ଣ ଶରୀରର ଅଧିକାରିଣୀ ଆଶାକୁ ଆଜି କିଏ ବିବାହ କରିବ ? କିଏ ତାର ପାଖକୁ ଆସି ଭରସା ଦେବ, ସାହସ ଦେବ ??

"ମୁଁ ଆସିବି ଆଶା ?" ବିଖ୍ୟାତ ବ୍ୟବସାୟୀ ସନ୍ତୋଷବାବୁ ଆସି କବାଟ ପାଖରେ ଛିଡ଼ା ହୋଇଥିଲେ ।

ସନ୍ତୋଷବାବୁଙ୍କ ବୟସ ଟିକିଏ ବଳେଇ ଯାଇଛି । ଏତେ ସମ୍ପତ୍ତି, ଏତେ ପ୍ରତିପତ୍ତି ଭିତରେ ଥାଇବି' ପତ୍ନୀ ବିୟୋଗ ଜନିତ ଦାରୁଣ ଦୁଃଖ ଭୋଗ କରୁଛନ୍ତି । ଆଶା ଆଖି ପୂରାଇ ଦେଖିଲା ସୁଗୋଲ ସୁଠାମ ମୁହଁ ଦେହ, ଗୋରା ତକତକ ଦେହେର । ଲମ୍ବା ଓସାର ଛାତି - ପୁଟୁଲି ପୁଟୁଲି ଆଖି । ସେ ଆଖିରେ ମମତାର ଅଞ୍ଜନ ଲାଗିଛି, ଆତ୍ମୀୟତାର ପ୍ରତିଶ୍ରୁତି ରହିଛି । ଏହି ପୁରୁଷଟିହିଁ ଆଜି ତାର

ପତନମୁଖୀ ଜୀବନର ଏକାନ୍ତ ଭରସା, ଏକମାତ୍ର ଆଶ୍ରୟ ।

"ଆସିବାକୁ ଅନୁମତି ମାଗୁଛନ୍ତି ? ଇଏ କଣ ଆପଣଙ୍କ ଘର ନୁହଁ ?" ଆଶା ଓଠରେ ଦୁଷ୍ଟାମୀର ହସ ଝୁଣି ହୋଇଥିଲା । ତାର ଅବଶ ମନ ଭିତରୁ ଚପଳ ମନଟିଏ ଜନ୍ମ ନେଉଥିଲା ।

"ଇଏ କଣ ତୁମ ମନ ଭିତରର କଥା ଆଶା ?" ପ୍ରବଳ ପ୍ରତାପୀ ସନ୍ତୋଷବାବୁଙ୍କ ମନ ଦୁର୍ବଳ, ନିଃସହାୟ ଏହି ଲହଳା ଝିଅ ଆଶା ଆଗରେ ନଇଁ ପଡୁଥିଲା ।

"କଣ ଅବିଶ୍ୱାସ ହେଉଛି ?" ଆଶା ମୁରୁକି ମୁରୁକି ହସୁଥିଲା ଆଉ ଭାବୁଥିଲା, କେତେ ଡରକୁଳା ଏ ପୁରୁଷ ଜାତି ! ନାରୀ ମୁହଁର ପଦେ ନରମ କଥା ଶୁଣି କେତେ ନଇଁ ଯାଆନ୍ତି ସତରେ ! ଏମାନଙ୍କୁ ସେ କେତେ ଡର ଯାଉଥିଲା !!

"ତୁମକୁ ଅବିଶ୍ୱାସ ଆଉ କଣ ଆଶା ? ତୁମ ବାପା ମୋର ପାଖରେ ଯେତେବେଳେ ତୁମକୁ ଛାଡ଼ିଦେଇ ଗଲେ, ଆଖି ଆଗରେ ରଙ୍ଗୀନ ଆଶାଟିଏ ନଙ୍ଗର ପକାଉ ଥିଲା । କିନ୍ତୁ ତୁମ ମୁହଁରୁ ନିର୍ଭର ପ୍ରତିଶ୍ରୁତି ନ ପାଇ ମନ ମୋର ନଇଁ ଯାଉଥାଏ । କହିବି ବୋଲି ଆସେ - ଅଥଚ କହି ପାରେନା । ମନ ଦୁର୍ବଳ ହୋଇପଡେ, ଆଜି ମୁଁ କେତେ ସୁଖୀ ତମେ ବିଶ୍ୱାସ କରି ପାରିବ ନାହିଁ ଆଶା ! ମୁଁ ତୁମକୁ ଜୀବନରୁ ଅଧିକ ଭଲ ପାଏ ।"

"ସତରେ ? ତେବେ ଏ ଜୀବନରେ ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ କାହିଁ ?" ଆଶା ନିଜ ଇଚ୍ଛାରେ ଯାଇ ସନ୍ତୋଷବାବୁଙ୍କ ହାତଧରି ପାଖରେ ବସାଇଲା । ଦୁଇ ଜଣଙ୍କ ମୁହଁରେ ହସ ଖୁସିର ରଙ୍ଗ ବେରଙ୍ଗ ଅବିର ଲାଗିଥିଲା । ପରମ ତୃପ୍ତି ଓ ପ୍ରାପ୍ତିରେ ପୁଲକ୍କି ଉଠୁଥିଲା ଅତୃପ୍ତ ମନ । ଆଶାର ଅବଦମିତ ଅଭିଳାଷ ଉପରେ ପୁଣି ଥରେ ତାରୁଣ୍ୟର ଛନ୍ଦ ତେଣା ଝାଡୁଥିଲା ।

ଆଉ ଆଶାର ଆଖି ? ତହିଁରେ ତରୁଣୀ ସୁଲଭ ଅନେକ ଲଜ୍ଜା, ଅନେକ ଆବିଳତା ।

ଦୁଇଟି ଆଖି ଆଉ ଦୁଇଟି ଆଖି ସଙ୍ଗରେ ମିଶି ଚୁପ୍ ଚୁପ୍ କଥାଭାଷା ହେଉଥିଲେ ।

ଜଣେ କହୁଥିଲା - ଆଉ ଜଣେ ମନଦେଇ ଶୁଣୁଥିଲା । ସୃଷ୍ଟିର କଥା - ସଂସାର କଥା - ଛବିଲ ଯୌବନର ଚପଳ କଥା !

ତାହାର ଗର୍ଭରେ ନିଶୁନ ଋଷିର ପ୍ରଳାପ ଥିଲା, ଦାରୁଣ ରୌଦ୍ରର ବିଳାପ ଥିଲା !

କିନ୍ତୁ ଶୁଭୁଥିଲା ସତେ ଯେମିତି ଦୁଷ୍ଟ ମଳୟ ଠାରୁ ଅଧିକ ଚଞ୍ଚଳ, ମୁଗ୍ଧ ମୌସୁମୀ ଠାରୁ ଅଧିକ ବ୍ୟଗ୍ର ସେ କଥା !

ଦୁଇଟି ହୃଦୟର ପ୍ରେମ ବିହ୍ୱଳ ତରଙ୍ଗ ପରସ୍ପରକୁ ଆଲିଙ୍ଗନ କରିବାକୁ ଆଗେଇ ଆସୁଥିଲେ ।

ଅନନ୍ତ ଜୀବନ ସ୍ରୋତର ଅଗଣନ ତରଙ୍ଗ ଭିତରୁ ଏଇ ଦୁଇଟି ଅସ୍ପଷ୍ଟ ତରଙ୍ଗ ମାତ୍ର । ଯାହାର ସ୍ଥିତି ଓ ସ୍ଥାୟୀତ୍ୱ ସସୀମ, ସୀମିତ - କିନ୍ତୁ ତାହାରି ଭିତରେ ଅସୀମର ବାଣୀ, ଅନନ୍ତର ସ୍ପର୍ଶ ।

ସରସ ସୁନ୍ଦର ଭବିଷ୍ୟତ, ଆଶୀର୍ବାଦର ଅଦୃଶ୍ୟ ହାତ କଢାଇ ଅଭିନନ୍ଦନ ଜଣାଉଥିଲା । ସୁଶୀତଳ ପବନରେ ଭାସି ଆସୁଥିଲା ଶୁଭ ଶଙ୍ଖର ଲଘୁ ତରଙ୍ଗଟିଏ ........





# ଗ୍ରନ୍ଥକାରଙ୍କ କଲମରୁ ..........

ଏହା ପୂର୍ବରୁ ପଢ଼ିଛନ୍ତି ଜନ-ସାହିତ୍ୟ ପ୍ରକାଶନୀ ଆନୁକୂଲ୍ୟରେ ପ୍ରକାଶିତ —

## 'ବିଭ୍ରାନ୍ତ' ଓ 'ସୁଜାତାର ସ୍ୱପ୍ନ'

ଆଜି ଦେଖନ୍ତୁ --

## 'ଜୀବନ ତୃଷ୍ଣା' (କବିତା ସଂକଳନ)

ସ୍ମୃତି ଓ ସୌନ୍ଦର୍ଯ୍ୟ, ପ୍ରାଣ ଓ ପିପାସାର ଛନ୍ଦୋବଦ୍ଧ ସ୍ୱାକ୍ଷର । ଚଉଷଠି କବିତାର ଲୋଭନୀୟ ସମାବେଶ ।

## 'ମଉଳା ମନର ମୁକୁଳା କଥା'

(ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ କର୍ତ୍ତୃକ ଅନୁମୋଦିତ ଉପନ୍ୟାସ ।)

ଏକ ପକ୍ଷରେ ବାଲ୍ୟ - ବିବାହର ଅନ୍ଧ ବିଶ୍ୱାସ ଓ ଅନ୍ୟ ପକ୍ଷରେ ଯୁବତୀ ବିବାହର ଭ୍ରାନ୍ତ ଆଭିଜାତ୍ୟ ଦୁଇଟି ସରଳ ପ୍ରେମୋଜ୍ଜ୍ୱଳ ହୃଦୟରେ ପ୍ରତିବନ୍ଧକର ପ୍ରାଚୀର ରୂପେ ଛିଡ଼ା ହୋଇଛି । ବାଲ୍ୟ-ବିବାହର ପରିଣତି ଭୋଗ କରିବାକୁ ହୋଇଛି ନିସ୍ସହା ଚମ୍ପାକୁ । ମାତ୍ର ଶେଷରେ ଅତୀତର ବାଗ୍‌ଦତ୍ତ ସ୍ୱାମୀ ଶ୍ୟାମ ସହିତ ବିଧବା ଚମ୍ପାର ଶୁଭ ପରିଣୟରେ ଉପନ୍ୟାସର ସୁଖ ସମାପ୍ତି ହୋଇଛି ।

ଉପନ୍ୟାସର ଭାଷା ଅନେକ ସ୍ଥଳରେ କାବ୍ୟିକ ହେଲେବି ରୁଚି ଅନୁକୂଳ ହୋଇ ପାରିଛି । ଉପନ୍ୟାସ ପ୍ରେମୀ ପାଠକମାନଙ୍କ ନିକଟରେ ଏହା ଆଦୃତ ହେବ ବୋଲି ଆମର ଆଶା । ପ୍ରଚ୍ଛଦପଟ ଆକର୍ଷଣୀୟ ହୋଇଛି । — ପ୍ରଜାତନ୍ତ୍ର —

× × × ଭାଷାରେ ସହଜ ପ୍ରକାଶଭଙ୍ଗୀ ରହିଛି । ଲେଖକ ସଂସ୍କାର ପ୍ରେମୀ । × × × — ମାତୃଭୂମି —

ପ୍ରଧାନ ପରିବେଷକ —

*ବାଣୀ ଭଣ୍ଡାର*
ରାଣୀହାଟ ଓ ବାଙ୍କା ବଜାର
କଟକ ୧ କଟକ ୨

*ଦାସ ବ୍ରଦର୍ସ*
ଗୋଲବଜାର, ସମ୍ବଲପୁର

*ଦି ଓଡ଼ିଶା ବୁକ୍ ହାଉସ*
ବ୍ରହ୍ମପୁର । (ଗଞ୍ଜାମ)

(ଏହା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ବଡ ବହି ଦୋକାନମାନଙ୍କରେ ମିଳେ ।)

ପରବର୍ତ୍ତୀ ଆକର୍ଷଣ —

"ଶୁଭ ବିବାହ" (ଉପନ୍ୟାସ)
"ରାଉରକେଲାରେ ରାତି"

ପ୍ରକାଶ ଅପେକ୍ଷାରେ —

"ସ୍ୱସ୍ତା"

"ମେଘାସନର ଝଡ" (ଛବିଲ ଗଡଜାତର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ଏକ ହୃଦୟସ୍ପର୍ଶୀ ଉପନ୍ୟାସ ।)